ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.240 Bhubaneswar Friday November 03 2023 | ୨୬ତମ ବର୍ଷ ସଂଖ୍ୟା-୨୪୦ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୦୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିଶ: ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହେବେ ଜଷ୍ଟିସ ଚକ୍ରଧାରୀ ଶରନ ସିଂ



ଭୁବନେଶ୍ୱର,୨।୧୧(ପି.ଏନ): ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ନିଯୁକ୍ତି ଦେବା ନିମନ୍ତେ ସୁପ୍ରିମକୋର୍ଟ କଲେଜିୟମ ଆଜି ସୁପାରିଶ କରିଛନ୍ତି । ଜଷ୍ଟିସ ଶୁଭାଶୀଷ ତାଲପତ୍ରଙ୍କ ଅବସର ପରେ ଅକ୍ଟୋବର ୩ରୁ ଓଡିଶା ମୁଖ୍ୟ ବିଚାରପତି ପଦ ଖାଲି ପଡିଛି ।ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସଞ୍ଜୟ କିଶାନ କୌଶଲ ଓ ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ ଆଜି ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ ସୁପାରିଶ କରିଛନ୍ତି ।୧୯୬୩ ଜାନୁୟାରୀ ୨୦ତାରିଖରେ ଜନ୍ମିତ ୬୦ବର୍ଷୀୟ ଜଷ୍ଟିସ ଶରନ ସିଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିବା ପରେ ୧୯୯୦ ଜାନୁୟାରୀ ମାସରେ ପାଟନା ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ବିହାର ସରକାରଙ୍କ ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଭାବେ ସେ ୨୨ବର୍ଷ ଧରି କାର୍ଯ୍ୟ କରିଛନ୍ତି । ୨୦୧୨ ଏପ୍ରିଲ ୫ତାରିଖରେ ସେ ପାଟନା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

## ଶରଣାର୍ଥୀଙ୍କୁ ଜୋର ଜବରଦସ୍ତ ଆଫଗାନିସ୍ତାନ ପଠାଇବା ନେଇ ପାକିସ୍ତାନ-ତାଲିବାନ ମୁହାଁମୁହିଁ



ଇସଲାମବାଦ,୨।୧୧(ପି.ଏନ): ପାକିସ୍ତାନ ଓ ତାଲିବାନ ପୁନର୍ବାର ମୁହାଁମୁହିଁ ହୋଇଛନ୍ତି । ପାକିସ୍ତାନରେ ରହୁଥିବା ୧୭ ଲକ୍ଷ ଆଫଗାନ ଶରଣାର୍ଥୀଙ୍କୁ ଜୋର ଜବରଦସ୍ତ ପଠାଇବା ନେଇ ଏହି ବିବାଦ ସୃଷ୍ଟି ହୋଇଛି । ଇତି ମଧ୍ୟରେ ୧୪୩, ୧୩୫ ଜଣଙ୍କୁ ପାକିସ୍ତାନ ସରକାର ଆଫଗାନିସ୍ତାନ ପଠାଇ ସାରିଛନ୍ତି । ଅନ୍ୟ ଯେଉଁମାନେ ଯିବାକୁ ଚାହୁଁ ନାହାନ୍ତି ସେମାନଙ୍କ ଘର ଭାଙ୍ଗିବା ସହ କିପରି ଆଫଗାନିସ୍ତାନ ପଳାଇ ଯିବେ ସେଥିପାଇଁ ପାକିସ୍ତାନ ଉଦ୍ୟମ କରୁଛି । ଆଫଗାନୀଙ୍କୁ ରୋହିଙ୍ଗ୍ୟାଙ୍କ ପରି ବ୍ୟବହାର କରିବା ନେଇ ତାଲିବାନ ପ୍ରତିକ୍ରିୟା ବ୍ୟକ୍ତ କରିଛି । ସଂଯୁକ୍ତ ରାଷ୍ଟ୍ରଠାରୁ ଆରମ୍ଭ କରି ଅନ୍ୟ ୟୁରୋପୀୟ ଦେଶଗୁଡିକ ମଧ୍ୟ ପାକିସ୍ତାନର ଏ ଭଳି ପଦକ୍ଷେପକୁ ନିନ୍ଦା କରିଛନ୍ତି । ଟିଟିପି ପକ୍ଷରୁ କରାଯାଉଥିବା ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନ ଅସ୍ତବ୍ୟସ୍ତ ହୋଇ ପଡିଲାଣି । ଏହି ରାଗ ଶୁଝାଇବା ପାଇର୍ ଏ ଭଳି ପଦକ୍ଷେପ ନେଉଥିବା ଜଣାପଡିଛି ।ଅପରପକ୍ଷରେ ଆଫଗାନିସ୍ତାନର ଆର୍ଥୀକ ସ୍ଥିତି ଭଲ ନ ଥିବାରୁ ଏତେଗୁଡିଏ ଶରଣାର୍ଥୀଙ୍କୁ ପୋଷିବା ସେମାନଙ୍କୁ ଅସୁବିଧାରେ ପକାଇପାରେ । ପାକିସ୍ତାନ ଏହା ମାଧ୍ୟମରେ ଆଫଗାନିସ୍ତାନରେ କ୍ଷମତାରେ ଥିବା ତାଲିବାନକୁ ଚାପରେ ପକାଇ ପାରିବ । ଏହା ପରେ ଟିଟିପି ବିପକ୍ଷରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ତାଲିବାନୀ ସରକାର ବାଧ୍ୟ ହେବ । ତେବେ ଏହି ରଣନୀତି ଯଦି ଭୁଲ ବାଟରେ ଯାଏ ତାହାହେଲେ ଉଭୟ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଅଶାନ୍ତି ବ?ିପାରେ ବୋଲି ଆଶଙ୍କା କରାଯାଉଛି ।

## ମର୍ମନ୍ତୁଦ ସଡକ ଦୁର୍ଘଟଣା, ୬ ମୃତ, ଏକାଧିକ ଆହତ

ପଞ୍ଜାବ,୨।୧୧(ପି.ଏନ): ମର୍ମନ୍ତୁଦ ସଡକ ଦୁର୍ଘଟଣା । ଦୁର୍ଘଟଣାରେ ନିଶ୍ଚିହ୍ନ ହୋଇଗଲା ପୁରା ପରିବାର । କାର ଓ ଅଏଲ୍ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହେବାରୁ ଘଟିଛି ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏଭଳି ଏକ ଦୁର୍ଘଟଣା ଘଟିଛି ପଞ୍ଜାବ ସଙ୍ଗରୁର ଜିଲ୍ଲାର ମେହେଲାନ୍ ଚୌକରେ । ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଆହତ ମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ନୀତୀଶ କୁମାରଙ୍କ ବୟାନକୁ ନେଇ ଚର୍ଚ୍ଚା: ଇଣ୍ଡିଆ ମେଣ୍ଟ ସକ୍ରିୟ ନ ହେବା ପଛରେ କଂଗ୍ରେସ

ନୂଆଦିଲ୍ଲୀ,୨।୧୧(ପି.ଏନ): ବିଜେପି ବିରୋଧରେ ଲ?ିବା ପାଇଁ ବିରୋଧୀ ଗଠନ କରିଥିବା ଇଣ୍ଡିଆ ମେଣ୍ଟରେ କିଛି ବି ଠିକଠାକ ଚାଲି ନାହିଁ। ପ୍ରଥମେ ଅଖିଳେଶ ଯାଦବ ମେଣ୍ଟର ଭବିଷ୍ୟତ ନେଇ କଂଗ୍ରେସକୁ ସମାଲୋଚନା କରିଥିଲେ। ଏବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଇଣ୍ଡିଆ ମେଣ୍ଟ ସକ୍ରିୟ ଭାବେ କାର୍ଯ୍ୟ ନ କରିବା ପଛରେ କଂଗ୍ରେସ ରହିଛି ବୋଲି କହିଛନ୍ତି ।କଂଗ୍ରେସ ୫ ରାଜ୍ୟର ବିଧାନସଭା ନିର୍ବାଚନକୁ ନେଇ ଅତି ବ୍ୟବସ୍ଥା ଦେଖାଉଛି। ତେଣୁ କିଛି ମାସ ତଳେ ଇଣ୍ଡିଆ ମେଣ୍ଟ ଯେଉଁଭଳି ସକ୍ରିୟତା ଦେଖାଇଥିଲା, ଏବେ ସେମିତି କିଛି ଗତି ହାସଲ କରିପାରୁ ନଥିବା ନୀତୀଶ କହିଛନ୍ତି।

## ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଗୁରୁତର

ପୁରୀ,୨।୧୧(ପି.ଏନ): ପୂର୍ବତନ ବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଗୁରୁତର ଅବସ୍ଥାରେ ଗତକାଲିଠାରୁ ଭୁବନେଶ୍ୱରର କେୟାର ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ସେ ଏବେ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅବସ୍ଥା ଗମ୍ଭୀର ରହିଛି ।ମେଡିକାଲ୍ ଟିମ୍ ତାଙ୍କର ଖୁବ୍ ଯତ୍ନ ନେଉଛନ୍ତି ।ଆମେ ସବୁଠୁ ଭଲ ଚିକିତ୍ସା ଯୋଗାଇ ଦେବାକୁ ଚେଷ୍ଟା କରୁଛୁ ବୋଲି ହସ୍ପିଟାଲ୍ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ତାଙ୍କର ସୁସ୍ଥତା ସମସ୍ତେ କାମନା କରୁଛନ୍ତି। ଗତ ୧୯୯୫ ମସିହାରୁ ମହେଶ୍ୱର ମହାନ୍ତି ପୁରୀ ରୁ ବିଧାୟକ ଭାବେ ଲଗାତାର ନିର୍ବାଚିତ ହୋଇ ଆସିଥିଲେ। ତେବେ ଗତ ୨୦୧୯ ବିଧାନସଭା ନିର୍ବାଚନ ରେ ସେ ବିଜେପି ଠାରୁ ପରାସ୍ତ ହୋଇଥିଲେ। ବିଜେଡି କୁ ସେ ପୁରୀ ରେ ଏକ ଦୁର୍ଗ ରେ ପରିଣତ କରିଥଲେ ତାଙ୍କ ସମୟ ରେ । ପ୍ରଥମେ ସେ ଜନତା ଦଳ ରୁ ଜିତି ବିଧାୟକ ହୋଇଥିଲେ। ପରେ ସେ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ହେଲେ ୨୦୧୯ ନିର୍ବାଚନରେ ପରାସ୍ତ ହେଇଥିଲେ। ପରେ ତାଙ୍କର ଦେହ ସାମାନ୍ୟ ଅସୁସ୍ଥ ରହିଥିଲା। ସେ ପୁରୀ ବିଧାୟକ ହେବା ସହ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ଆଇନମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ବିଧାନସଭାରେ ବାଚସ୍ପତି ଭାବେ ସଫଳତାର ସହ ନିଜର ଦାୟିତ୍ୱ ନିର୍ବାହ କରିଥିଲେ।

## ୧୮ ବର୍ଷ ବିତିଲା, ପ୍ରତିଷ୍ଠା ହେଲାନି କାରଖାନା; ଜମିହରା ଜଳକା



ଭୁବନେଶ୍ୱର,୨।୧୧(ପି.ଏନ): ଶିଳ୍ପ ପ୍ରତିଷ୍ଠା ହେଲେ ନିଯୁକ୍ତି ମିଳିବ। ସେହି ଖୁସିରେ ବର୍ଷବର୍ଷ ଧରି ଚାଷ କରି ଚାଲୁଥିବା ଜମିକୁ କମ୍ପାନୀ ହେତକୁ ଟେକିଦେଇଥିଲେ ଚାଷୀ। କମ୍ପାନୀ କର୍ତ୍ତୃପକ୍ଷ ଜମିକୁ କବ୍?ଜାକୁ ନେଇ ଚୁପ୍? ବସିଛି। ଇତି ମଧ୍ୟରେ ୧୮ ବର୍ଷ ବିତିଲାଣି। ହେଲେ ପ୍ରତିଷ୍ଠା ହୋଇପାରିଲାନି କାରଖାନା। ଏବେ ଜମି ହରାଇ ଜଳକା। ଏପରି ଚିତ୍ର ଆସିଛି ରାୟଗଡା ଜିଲ୍ଲାରୁ।କାଶୀପୁର ବ୍ଲକ୍ କାଂସାରିଗୁଡ଼ା ଗାଁରେ ପ୍ରତିଷ୍ଠା ହେବ ଆଲୁମିନିୟମ୍? ପ୍ଲାଷ୍ଟ୍?। ସେଥିପାଇଁ ଆଦିତ୍ୟ ବିର୍ଲା କମ୍ପାନୀ ୨୦୦୫ ମସିହାରେ ଜମି ଅଧିଗ୍ରହଣ କରିଥିଲା। ରାୟଗଡା ଜିଲ୍ଲା କାଂସାରିଗୁଡା, ପୁଡ଼ାପାଡି ଓ ବାଙ୍କାମ୍ ଏବଂ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଓଡ଼ିଆପେଣ୍ଟ ପଞ୍ଚାୟତର ୩୫ଟି ଗାଁରୁ ୨୫୦୦ ଏକର ଜମିକୁ ଅକ୍ତିଆର କରିଥିଲା କମ୍ପାନୀ କର୍ତ୍ତୃପକ୍ଷ। ସେତେବେଳେ କ୍ଷତିପୂରଣ ବାବଦକୁ ଏକର ପିଛା ୩ ଲକ୍ଷ ୪୪ ହାଜର ଲେଖାଏଁ ଟଙ୍କା ପ୍ରଦାନ କରିଥିଲା କମ୍ପାନୀ। ଏଥିସହ କାଂସାରିଗୁଡ଼ା ଗାଁ ବିସ୍ଥାପିତ ହେବାକୁ ଥିବାରୁ ୨୪୧ ପରିବାରକୁ ପ୍ରତି ମାସ କ୍ଷତିପୂରଣ ବାବଦକୁ ଭତ୍ତା ଦେଉଥିଲା। କମ୍ପାନୀ ତରଫରୁ ପରିବାର ପିଛା ୨୫୦୦ ଟଙ୍କା ଦେଉଛି।

## ସିଲ୍ ହେବ ବାଲେଶ୍ୱରରେ ଥିବା ୪ଟି ନର୍ସିଂ ହୋମ୍ ଓ କ୍ଲିନିକ୍

ବାଲେଶ୍ୱର,୨।୧୧(ପି.ଏନ) : ସିଲ୍ ହେବ ବାଲେଶ୍ୱରରେ ଥିବା ୪ଟି ନର୍ସିଂ ହୋମ୍ ଓ କ୍ଲିନିକ୍ । ଏଥିସହିତ ୪ଜଣ ଡ଼ାକ୍ତରଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇପାରେ କଡା କାର୍ଯ୍ୟାନୁଷ୍ଠାନ । ନୋଟିସ୍ ଜାରି କରି ସୂଚନା ଦେଇଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଡ଼ି.ଭି. ସିନ୍ଦେ । ଡ଼ାକ୍ତର ନଥାଇ, ମୃତ୍ୟୁବରଣ କରିଥିବା ଡ଼ାକ୍ତରଙ୍କ ସାର୍ଟିଫିକେଟ୍‌ରେ କ୍ଲିନିକ୍ ପଞ୍ଜିକୃତ କରି ଚାଲିଛି ସ୍ୱାସ୍ଥ୍ୟସେବାର ବ୍ୟବସାୟ । ଏଥିସହିତ ଅଲ୍ଟ୍ରାସାଉଣ୍ଡ ମେସିନ୍‌ର ଉପଯୁକ୍ତ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା ।ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଯାଞ୍ଚକରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲା । ରିପୋର୍ଟରେ ଦର୍ଶାଯାଇଥିବା ଅନିୟମିତତାକୁ ଭିତ୍ତିକରି ଜିଲ୍ଲାପାଳ., ଡ଼ା.ଭାସ୍କର ଚନ୍ଦ୍ର ବେହେରା, ଡ଼ା. ଶଶିଭୂଷଣ ରଥ, ଡ଼ା. ରୁପେଶ କୁମାର ସେନାପତି ଓ ଡ଼ା. ଶିବଦାସ ପାଣିଗ୍ରାହୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ କରିଛନ୍ତି ।

## କେତେ ଚାନ୍ଦା ଆଦାୟ କରିଛନ୍ତି ରାଜନୈତିକ ଦଳ ? ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ



ଭୁବନେଶ୍ୱର,୨।୧୧(ପି.ଏନ): ଚଳିତ ବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା କେତେ ଚାନ୍ଦା ଆଦାୟ କରିଛନ୍ତି ରାଜନୈତିକ ଦଳ। ନିର୍ବାଚନ କମିଶନ ଏହାର ସମସ୍ତ ତଥ୍ୟ ଦିଅନ୍ତୁ। ଇଲେକ୍ଟୋରାଲ ବଣ୍ଡ ସ୍କିମ ମାମଲାର ଶୁଣାଣି କରି ଏଭଳି କିଛି ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଇଲେକ୍ଟୋରାଲ ବଣ୍ଡରୁ ରାଜନୈତିକ ଚାନ୍ଦାକୁ ନେଇ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ରିପୋର୍ଟ ମାଗିଛନ୍ତି। ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା କେଉଁ ଦଳକୁ କେତେ ଚାନ୍ଦା ମିଳିଛି। କିଏ କେତେ ଟଙ୍କା ଆଦାୟ କରିଛନ୍ତି। ସେ ସବୁର ରିପୋର୍ଟ ନିର୍ବାଚନ କମିଶନ ଦିଅନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଯଦି ଆବଶ୍ୟକ ପଡେ ଡାଟା ସଂଗ୍ରହ କରିବା ପାଇଁ ଆପଣ ଷ୍ଟେଟ୍? ବ୍ୟାଙ୍କଠାରୁ ତଥ୍ୟ ନେଇପାରିବେ ବୋଲି ସିଜେଆଇ କହିଛନ୍ତି।

## ଆସନ୍ତା ଫେବୃଆରୀରେ ପାକିସ୍ତାନରେ ସାଧାରଣ ନିର୍ବାଚନ



ଭୁବନେଶ୍ୱର,୨।୧୧(ପି.ଏନ): ଆସନ୍ତା ଫେବୃଆରୀ ୨୦୨୪ରେ ପାକିସ୍ତାନର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପାକିସ୍ତାନ ନିର୍ବାଚନ ଆୟୋଗ ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ନିର୍ବାଚନ ଆୟୋଗର ଜଣେ ଓକିଲ ଏହି ଶୁଣାଣି ସମୟରେ ପାକିସ୍ତାନର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ନଭେମ୍ବର ୩୦ ରେ ବିମୁଦ୍ରୀକରଣ ପ୍ରକ୍ରିୟା ଶେଷ ହେବା ପରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଆୟୋଗଙ୍କର ଓକିଲ କୋର୍ଟଙ୍କୁ କହିଛନ୍ତି। ପ୍ରାରମ୍ଭରେ ଜାନୁଆରୀ ଶେଷ ସପ୍ତାହରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଇସିପି କହିଥିଲା, କିନ୍ତୁ ରାଜନୈତିକ ଦଳର ଦାବି ସତ୍ତ୍ୱେ କୌଣସି ସଠିକ ତାରିଖ ଦିଆଯାଇ ନାହିଁ। ରାଷ୍ଟ୍ରୀୟ ବିଧାନସଭା ଭଙ୍ଗ ହେବା ପରେ ନିର୍ବାଚନ ହେବାର ୯୦ ଦିନର ସମୟସୀମା ନଭେମ୍ବର ୭ ରେ ଶେଷ ହେବ। ତେବେ, ସେହି ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲରେ ସମଗ୍ର ଦେଶରେ କରାଯାଇଥିବା ଏକ ନୂତନ ଜନଗଣନା ଆଧାରରେ ଇସିପି ନିର୍ଣ୍ଣୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନେଇଛି। ପାକିସ୍ତାନ ସମ୍ବିଧାନ ଅନୁଯାୟୀ ସଂସଦ ଭଙ୍ଗ ହେବାର ୯୦ ଦିନ ମଧ୍ୟରେ ନିର୍ବାଚନ ହେବା ଉଚିତ୍। ତେବେ ଏହି ସମୟ ମଧ୍ୟରେ ଜନଗଣନା ପ୍ରସଙ୍ଗ ଅଟକି ରହିଥିଲା। ସଂସଦ ଭଙ୍ଗ ହେବା ଦିନଠାରୁ ଆଶଙ୍କା କରାଯାଉଥିଲା ଯେ ସାମ୍ବିଧାନିକ ସମୟ ସୀମା ମଧ୍ୟରେ ପାକିସ୍ତାନରେ ନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ନଭେମ୍ବର ୭ ରେ ଏହି ସମୟସୀମା ସମାପ୍ତ ହେବା ସତ୍ତ୍ୱେ ନିର୍ବାଚନ କମିଶନ ବିଚାରାଧୀନ ଜନଗଣନା ହେତୁ ଇସିପି ନିର୍ବାଚନ ତାରିଖ ବୃଦ୍ଧି କରିବାକୁ ଆବେଦନ କରିଥିଲା। ଏପ୍ରିଲ୍ ୨୦୨୨ ରେ ରାଷ୍ଟ୍ରୀୟ ସଭାରେ ଏକ ଆତ୍ମବିଶ୍ୱାସ ପ୍ରସ୍ତାବ ମାଧ୍ୟମରେ ଇମ୍ରାନ ଖାନ ସରକାରଙ୍କୁ ହଟାଇବା ପରେ ପାକିସ୍ତାନ ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଛି। ଦେଶ ମଧ୍ୟ ଏକ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି।

## ପ୍ରଦୀପ ପ୍ରଧାନଙ୍କ ଗିରଫଦାରୀ ଓ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଦାବିରେ ‘ମୋ ଦଳ’ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା




କେନ୍ଦ୍ରାପଡ଼ା,୨।୧୧(ପି.ଏନ): ଓଡିଶା ସୂଚନା ଅଧିକାର ଆନ୍ଦୋଳନର ନେତା ତଥା “ମୋ ଦଳ”ର ମହାସଚିବ ପ୍ରଦୀପ ପ୍ରଧାନଙ୍କୁ ରାଜନୈତିକ ଉଦ୍ଦେଶ୍ୟମୂଳକ ଭାବେ ଗିରଫଦାରୀ କରାଯିବା ଏବଂ ତାଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମାକୁ ପ୍ରତ୍ୟାହାର ସହିତ ଶ୍ରୀ ପ୍ରଧାନଙ୍କୁ ନିସର୍ତ୍ତ ଖଲାସ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ “ମୋ ଦଳ” ପକ୍ଷରୁ ଆଜି ଗଣଧାରଣା ଦିଆଯାଇଥିଲା । ଏଥି ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। “ମୋ ଦଳ” ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟର ଜଣାଶୁଣା ସୂଚନା ଅଧିକାର କର୍ମୀ ତଥା “ମୋ ଦଳ”ର ମହାସଚିବ ପ୍ରଦୀପ ପ୍ରଧାନଙ୍କୁ ଓଡିଶା ପୋଲିସ ଗତ ଅକ୍ଟୋବର ୨୮ ତାରିଖରେ ରାଜନୈତିକ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଛି। ଯଦିଓ ପୋଲିସ କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ଗିରଫ କରିଥିବା କହୁଛି, ଏହା ସବୁଠୁ ଲଜ୍ଜ୍ୟାକର ଓ କ୍ଷୋଭର ବିଷୟ ଯେ ଶ୍ରୀ ପ୍ରଧାନଙ୍କ ନାମରେ ସରକାର ବିଭିନ୍ନ ମିଥ୍ୟା ମକଦ୍ଦମା ଦାୟର କରିଛନ୍ତି । ଯେଉଁ ଯେଉଁ ଆନ୍ଦୋଳନରେ ଶ୍ରୀ ପ୍ରଧାନ ଆଦୌ ଉପସ୍ଥିତ ନଥିଲେ ବା ଉପସ୍ଥିତ ଥିଲେ ବି ଠେଲାପେଲା, ଗଡାପଡାରେ କିମ୍ବା ମହିଳା କନେଷ୍ଟବଳଙ୍କୁ ଆଦୌ ଅସତ୍ ବ୍ୟବହାର କରି ନଥିଲେ ସୁଦ୍ଧା ତାଙ୍କ ନାମରେ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ସଙ୍ଗୀନ ଦଫା ଶାସକ ଦଳର ରାଜନୈତିକ ଇଙ୍ଗୀତରେ ଲଗାଯାଇଛି । ସାଧାରଣ ଲୋକଙ୍କ ଧନ ଜୀବନ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସଂଗ୍ରାମ କରୁଥିବା ରାଜନେତାଙ୍କ ବିରୋଧରେ ଲଗାଇଥିବା ଏହି ମାମଲା କେତେଦୂର ସତ୍ୟ ଓ ତଥ୍ୟ ଆଧାରିତ ତାହାକୁ ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ କରାଯାଇ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଓ “ମୋ ଦଳ”ର ମହାସଚିବ ଶ୍ରୀ ପ୍ରଧାନଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ସହିତ ତାଙ୍କୁ ନିସର୍ତ୍ତ ଖଲାସ କରାଯିବାକୁ ସେମାନେ ଦାବି କରିଛନ୍ତି । ଏଣୁ ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି ବାକ୍ ସ୍ୱାଧିନତାର ଅଧିକାର ଓ ଅନ୍ୟାନ୍ୟ ସାମ୍ବିଧାନିକ ଅଧିକାର ଯେଉଁଭଳି ଭାବରେ ସଙ୍କୁଚିତ କରାଯାଉଛି ତାହାର ପ୍ରତିକାର କରିବା ସହିତ ପୋଲିସ ମାତ୍ରାଧିକ ରାଜନୈତିକ ହାତବାରିସି ହେବା ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ “ମୋ ଦଳ” ପକ୍ଷରୁ ଦାବି କରାଯାଇଛି । ମୋଦଳ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ସଭାପତି ଅକ୍ରୁର ଚରଣ ପଲାଇ, ସମ୍ପାଦକ ଦୋଳ ଗୋବିନ୍ଦ ସାହୁ, ଉପଦେଷ୍ଟା ଦାଶରଥୀ ସାହୁ, ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ଭୂୟାଁ, ଘନଶ୍ୟାମ ବଳ, ରବିନ୍ଦ୍ର ନାୟକ, ନାରାୟଣ ବେହେରା, ଶିଶିର କୁମାର ଓଝା, ରମେଶ ଚନ୍ଦ୍ର ଓଝା, ବୈଷ୍ଣବ ଖଣ୍ଡାଇ, ଦିବାକର ସାହୁ, ନିରଞ୍ଜନ ରଣା, ସଚିତ୍ର ନାଉରୀ, ଭାଗବତ ଲେଙ୍କା, ଭାରତ ଭୂଷଣ ସାହୁ, ରାଜ କିଶୋର ବେହେରା, ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ଗଣଧାରଣା ଦେବା ସହିତ ଅତିରିକ୍ତ ଜିଲ୍ଲାପାଳଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରେ ‘ଆମ ଓଡିଶା ନବୀନ ଓଡିଶା’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୧ (ପି.ଏନ): ରାଜ୍ୟ ସରକାରଙ୍କର ଗ୍ରାମାଭିମୁଖୀ ମହତ୍ୱକାଂକ୍ଷୀ ଯୋଜନା ‘ଆମ ଓଡିଶା ନବୀନ ଓଡିଶା’ ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ । ଆଜି ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଅଷ୍ଟମ ଦିନରେ ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା । ଏଥିପାଇଁ ଗଞ୍ଜାମ ଜିଲ୍ଲାର ୧୨ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୨୫୧.୫୦ କୋଟି ଟଙ୍କା । ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ଭଞ୍ଜନଗର, ଛତ୍ରପୁର, ଖଲିକୋଟ, ଦିଗପହଣ୍ଡି, ସୁରଡା, ସାନଖେମୁଣ୍ଡି, ଗୋପାଳପୁର, ଆସ୍କା, ଚିକିଟି, ହିଞ୍ଜିଳିକାଟୁ, ପୋଲସରା ଓ କବିସୂର୍ଯ୍ୟନଗର। ଏହି ସବୁ ନିର୍ବାଚନମଣ୍ଡଳୀର ୨୨ଟି ବ୍ଲକ୍‌ର ୫୦୩ଟି ଗ୍ରାମ ପଞ୍ଚାୟତରେ ୫୭୦୬ଟି ପ୍ରକଳ୍ପ ହେବ। ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ୨ଟି ନିର୍ବାଚନମଣ୍ଡଳୀ ପାଇଁ ୫୪.୫୦କୋଟି ଟଙ୍କା ମଂଜୁର ହୋଇଛି। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ସୁବର୍ଣ୍ଣପୁର ଓ ବୀରମହାରାଜପୁର। ଏଥିରେ ୬ଟି ବ୍ଲକ୍‌ର ୧୦୯ଟି ଗ୍ରାମପଞ୍ଚାୟତରେ ୧୪୧୯ଟି ପ୍ରକଳ୍ପ କରାଯିବ। ଆଜିର କାର୍ଯ୍ୟକ୍ରମ ପାଇଁ ଗଞ୍ଜାମ ଜିଲ୍ଲାର ୧୨ଟି ଓ ସୁବର୍ଣ୍ଣପୁର ଜିଲ୍ଲାର ୨ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା । କେବଳ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷରୁ ଅଧିକ ଲୋକ ସାମିଲ ହୋଇଥିଲେ ।‘ଆମ ଓଡିଶା ନବୀନ ଓଡିଶା’ କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ଭିତରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ ଓଡିଶାର ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି।









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଡି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

# ପୁରାଣ କାହାଣୀ

## ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଅନନ୍ୟ ଜନନାୟକ ବିଜୁବାବୁ






ବ୍ୟକ୍ତି ସମକାଳର, ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇ ପଡ଼େ ସମାଜରୁ ରାଷ୍ଟ୍ରକୁ। ଏମିତି ଏକ କାଳଜୟୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବିଜୟାନନ୍ଦ ପଟ୍ଟନାୟକ - ସବୁରି ପ୍ରିୟ ବିଜୁ ପଟ୍ଟନାୟକ। ତାଙ୍କର ଜନ୍ମ ୧୯୧୬ମସିହା ମାର୍ଚ୍ଚ ୫ତାରିଖରେ କଟକ ତୁଳସୀପୁରସ୍ଥ ପୈତୃକ ବାସଭବନ ଆନନ୍ଦ ଭବନରେ ହୋଇଥିଲା। ବାଲ୍ୟକାଳରୁ ସେ ପ୍ରବଳ ସ୍ୱପ୍ନ ବିଳାସୀ ଥିଲେ ଓ ପ୍ରାଚୀନ କଳିଙ୍ଗର ହୃତ ଗୌରବ ଫେରାଇ ଆଣିବା ପାଇଁ ଦୃଢ଼ ପ୍ରତିଜ୍ଞ ଥିଲେ। କେବଳ ସେତିକି ନୁହେଁ ଚିନ୍ତାଥିଲା ତାଙ୍କର ସୁଦୂରପ୍ରସାରୀ ଓ କଳ୍ପନା ଥିଲା ଅସାଧାରଣ। ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ନିଷ୍ପାପର ଉଦ୍ୟମ କରୁଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ସଂକୀର୍ଣ୍ଣ ରାଜନୀତିର ଊର୍ଦ୍ଧ୍ୱରେ,ସେ ଥିଲେ ଯଥାର୍ଥରେ ଜଣେ ଅନନ୍ୟ ଜନନାୟକ।

ବିଜୁ ପଟ୍ଟନାୟକ - କାହିଁକେ କେହିତ କୁହନ୍ତି ନାହିଁ ବିଜୟାନନ୍ଦ ପଟ୍ଟନାୟକ। ଏତେ ଲୋକପ୍ରିୟତା କାହିଁକି ଏହି ନାଁରେ। ନାଁଟିକୁ କହିଦେଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ। ବଙ୍କିମ୍ ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ। ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇଯାଇଛନ୍ତି। ଖାଲି ସେତିକି ନୁହେଁ, କେହି କେହି ତାଙ୍କୁ ପ୍ରବାଦ ପୁରୁଷ, ମାଟିର ମୂର୍ତ୍ତିକାର, କଳିଙ୍ଗ ବୀର ଓ ଝଡ଼ର ଭଉଳ ବୋଲି କହିଥାନ୍ତି। ବିଜୁପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା। ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ ଜୟ-ପରାଜୟ ଭିତରେ ଓ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ। ସେ କଦାପି ଏଣୁ ତେଣୁ କଥା କହୁନଥିଲେ। ଯାହା ସେ ଥରେ ଚିନ୍ତା କରୁଥିଲେ , ତାକୁ କାମରେ କରି ଦେଖାଉଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ।

ରାଜନୀତି କ୍ଷେତ୍ରରେ ବିଜୁପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୪୬ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ। ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଙ୍ଗ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା। ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା। ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ଏହା ତାଙ୍କ ପାରିବାପଣିଆର ଏକ ନମୁନା ଥିଲା। ଏପରିକି ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ। ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ।

ବିଜୁପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ।ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ। ନିଜର କୃତଜ୍ଞତା ଜଣାଇବାକୁ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦କୋଟି ଟଙ୍କାର ଉପହାର ପ୍ରଦାନ କରିଥିଲେ। ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମଧ୍ୟ ତାଙ୍କୁ ମିଳିଥିଲା । ମାତ୍ର ସେହି ସବୁ ଉପହାର ଫେରାଇ ଦେଇଥିଲେ ସେ ଏବଂ କହିଥିଲେ ଭାରତୀୟ କିଛି ନିଏ ନାହିଁ । ସତରେ ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ । ତାଙ୍କର ଏହି କାମ ପାଇଁ ଇଣ୍ଡୋନେସିଆ ନିକଟରେ ଭାରତ ମହାନ ହୋଇ ରହିଲା।ଛାତ୍ର ଅବସ୍ଥାରେ କଟକରୁ ପେଶାୱାର ସାଇକେଲରେ ଯିବା, ପୋଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବାପାଇଁ ଯିବାବେଳେ ପୋଲିସ ଏସ୍.ପି.ହାରଗ୍ରୀଭ୍‌ଙ୍କଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲ୍‌ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ , ଅରୁଣା ଆଶଫ୍‌ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ।ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡିଛି ସତ ମାତ୍ର ଦେଶପାଇଁ ହସି ହସି କାରବରଣ କରିଛନ୍ତି ସେ । ସେହିପରି ୧୯୬୨ ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ସେନାମାନଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ ।

ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ । ସେ ଜାଣିଥିଲେ -କଳିଙ୍ଗାଃ ସାହସିକାଃ। ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ ।ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି।ଜୀବନ ଦୀପ ନିର୍ବାପିତ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ କେବଳ ଓଡିଆଙ୍କ କଥା ଚିନ୍ତା କରୁଥିଲେ। ଯୁବପିଢିଙ୍କୁ ସେ ସର୍ବଦା କହୁଥିଲେ-ଗୋଲାମୀ ନକରି ସ୍ୱାଧୀନ ହୁଅ ।ନିଜ ଗୋଡରେ ନିଜେ ଛିଡା ହୁଅ, ଅନ୍ୟପାଖରେ ହାତ ପତାଅ ନାହିଁ।ଓଡିଆ ପୁଅର ବୀରତ୍ୱ ବଜାୟ ରଖ, ଓଡିଆର ସୁନାମ ରଖ, ଅଯଥାରେ ସମୟ ନଷ୍ଟକରନା, ଦେଶ କଥାଭାବ, ଦେଶ ପାଇଁ କାମ କରିବାକୁ ଆଗେଇ ଆସ।ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ।ତାଙ୍କ ବଳିଷ୍ଠ ଓ ସୁଠାମ ଚେହେରା ଥିଲା ଈଶ୍ୱର ଦତ୍ତ। ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳଳୀ ମଧ୍ୟରେ ଜଣେ ଥିଲେ। ଯାହାଫଳରେ ସେ ରେଭେନ୍‌ସା-ବ୍ଲୁ ଦୁଇ ଥର ପାଇବାରେ ସକ୍ଷମ ହୋଇଥିଲେ। ଏପରିକି ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ। ଫୁଟବଲ ଖେଳପ୍ରତି ତାଙ୍କର ଅତିଶୟ ମୋହର ଅନ୍ୟ ଏକ ଉଦାହରଣ ୧୯୬୧-୬୨ ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସେ ଆରମ୍ଭ କରିଥିଲେ । କେବଳ ସେତିକି ନୁହେଁ ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ।ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି ।ବିଜୁ ପଟ୍ଟନାୟକଙ୍କ ଜନ୍ମ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଓ ମୃତ୍ୟୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ। ଦୀର୍ଘ ୮୧ ବର୍ଷର ଜୀବନ ଯାତ୍ରା । ସେ ଜୀବନ ଆରମ୍ଭ ହୋଇଥିଲା କଟକସ୍ଥ ତୁଳସୀପୁର ଅନନ୍ଦ ଭବନରେ। ଆଉ ଶେଷ ହୋଇଥିଲା ପୁରୀର ସ୍ୱର୍ଗ ଦ୍ୱାରରେ। କେବଳ ଆମ ରାଜ୍ୟ ନୁହେଁ, "ଇଣ୍ଡିଆ ଟୁ ଇଣ୍ଡୋନେସିଆ" ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ କୁଶଳତା ପରିବ୍ୟାପ୍ତ ଥିଲା। ତାଙ୍କ ଅବର୍ତ୍ତମାନରେ ଆଜି ବିରାଟ ଶୂନ୍ୟତା। ସେ ଶୂନ୍ୟତା ଭିତରେ ବାରି ହୋଇପଡୁଛି ତାଙ୍କ ସ୍ମୃତିର ପାଦଚିହ୍ନ। ଜଣାନାହିଁ ଆଉ କେତେଦିନ ପରେ ଏହିଭଳି ଜଣେ ଯୋଗଜନ୍ମା ଜନନାୟକ ଉତ୍କଳ ଭୂଇଁରେ ଜନ୍ମ ନେବେ କେଜାଣି ? ସେ ସୁଦିନକୁ ହିଁ ଅପେକ୍ଷା !

# କର୍ଣ୍ଣାଟ ଶକ୍ତିପୀଠ



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବ ଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣି ଅନୁଯାୟୀ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ପ୍ରାୟ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "କର୍ଣ୍ଣାଟ ଜୟଦୁର୍ଗା" ଶକ୍ତିପୀଠ ଅନ୍ୟତମ। ଏହି ଶକ୍ତିପୀଠ କର୍ଣ୍ଣାଟକ ରାଜ୍ୟରେ ଅବସ୍ଥିତ।

ହିନ୍ଦୁମାନଙ୍କର ଧାର୍ମିକ ସ୍ଥାନଗୁଡ଼ିକ ମଧ୍ୟରେ "କର୍ଣ୍ଣାଟ ଜୟଦୁର୍ଗା" ସ୍ୱତନ୍ତ୍ର। "କର୍ଣ୍ଣାଟ ଜୟଦୁର୍ଗା" ଶକ୍ତିପୀଠରେ ମାତା ସତୀଙ୍କ ଦୁଇଟି କାନ(ଖଣ୍ଡ) ପଡ଼ିଥିଲା। ପୌରାଣିକ କଥା ଏବଂ ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ଏକ ଚମକପ୍ରଦ କାହାଣୀ ରହିଛି। ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ କୌଣସି କାରଣରୁ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଞ୍ଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱୟଂ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମାତା ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ପାଖରେ ପହଞ୍ଚିଲେ ଓ ରାଗରେ ଜର୍ଜ୍ଜରିତ ହୋଇ ନିଜ ହାତରେ ମାତା ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ।



ଏହାଫଳରେ ସାରା ବିଶ୍ୱରେ ଚାଲିଲା ଧ୍ୱଂସଲୀଳା। ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ମନେମନେ ଏହାର ସମାଧାନର ଉପାୟ ବାହାର କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି କ୍ଷଣ ମଧ୍ୟରେ ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ୧୦୮ ଟି ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। କିନ୍ତୁ ଏହି ଶକ୍ତି ପୀଠ ମାନଙ୍କ ମଧ୍ୟରେ ୫୧ଟି ଶକ୍ତି ପୀଠକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।



ଏହି ଶକ୍ତିପୀଠରେ ଶକ୍ତିଙ୍କୁ "କର୍ଣ୍ଣାଟ ଜୟଦୁର୍ଗା" ଓ ଭଗବାନ ଶିବ ବା ଭୈରବଙ୍କୁ "ଅଭିରୁ" ଭାବରେ ପୂଜା କରାଯାଏ। ଏହି ଦେବୀଙ୍କୁ ଏଠାରେ କର୍ଣ୍ଣାଟ ବଂଶର ବୋଲି କୁହାଯାଇଥାଏ।

"କର୍ଣ୍ଣାଟ ଜୟଦୁର୍ଗା ଶକ୍ତିପୀଠ"ରେ ବର୍ଷ ତମାମ ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳନ କରାଯାଇଥାଏ। ମୁଖ୍ୟତଃ ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ବେଳେ ବିଶେଷ ପୂଜାର ଆୟୋଜନ କରାଯାଇଥାଏ। ଏହି ପର୍ବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ। ଏଥି ସହିତ ନବରାତ୍ର ଉତ୍ସବ ବେଳେ କେତେକ ଭକ୍ତ ଓ ଶ୍ରଦ୍ଧାଳୁ ଭଗବାନଙ୍କ ପାଖରେ ସମର୍ପଣ ଭାବରେ ବ୍ରତ ଉପବାସ (ଭୋଜନ କରନ୍ତି ନାହିଁ) କରିଥାନ୍ତି। ଏହି ଉତ୍ସବ ଅବସରରେ ମନ୍ଦିରକୁ ବିଭିନ୍ନ ଫୁଲ ଓ ଆଲୋକ ମାଳାରେ ସଜା ଯାଇଥାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ମନ-ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ।

ଯେଉଁ ଭକ୍ତ ଏହି ଶକ୍ତିପୀଠକୁ ଦର୍ଶନ ପାଇଁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଏଥିଯୋଗୁ ଏହି ଶକ୍ତିପୀଠ ପ୍ରତ୍ୟକ୍ଷ ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ବିଶ୍ୱାସ ରହିଛି। ବର୍ଷର ସବୁ ସମୟରେ ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଗହଳି ଲାଗି ରହିଥାଏ। "କର୍ଣ୍ଣାଟ ଜୟଦୁର୍ଗା ଶକ୍ତିପୀଠ" ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା'"କର୍ଣ୍ଣାଟ ଜୟଦୁର୍ଗା ଶକ୍ତିପୀଠ"କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

# ଗୁରୁ ବ୍ରଜେନ୍ଦ୍ର କୁମାର ପରିଡ଼ାଙ୍କ ୬୭ତମ ଜନ୍ମଦିବସରେ ମେଗା ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସଦର ବ୍ଲକ ବାଲେଶ୍ୱରସ୍ଥ ଖାନନଗର ଗ୍ରାମରେ ଖାନନଗର ୟୁଜି ୟୁପି ବିଦ୍ୟାଳୟ ପରିସରରେ ବ୍ରଜେନ୍ଦ୍ର କୁମାର ଫାଉଣ୍ଡେସନ ତରଫରୁ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଭଦ୍ରକର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ସନ୍ତୋଷ କୁମାର ପାତ୍ରଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଜିଲ୍ଲା ଚିକିତ୍ସାଧିକାରୀ ଶିଶୁ ରୋଗ ବିଶେଷଜ୍ଞ ଡାଃ ମିନାକ୍ଷୀ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିଶୁଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନାରୀନେତ୍ରୀ ଉର୍ମିଳତା ଦାସ, ଡାଃ ମନୋଜ ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମୀ ଦାସ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସଂଗଠନର ଅଧ୍ୟକ୍ଷା ବାସନ୍ତୀମଣୀ ଦାସ ସଭାମୁଖ୍ୟ ଦାୟିତ୍ୱ ବହନ କରିଥିବା ବେଳେ ମାନବାଧିକାର କର୍ମୀ ସୁଧାକର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂଗଠନର ସକ୍ରୀୟ ସଦସ୍ୟ ଉଷାରାଣୀ ଦାସ ଧନ୍ୟବାଦ ଦେଇଥିଲେ। ଯୁବ ସମାଜସେବୀ ଅଭିଷେକ ପରିଡ଼ା ଅତିଥିଙ୍କୁ ମଞ୍ଚାହ୍ୱାନ କରିଥିଲେ। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ଦୁଲାଲ ସେନ ଜଗଦେବ ଉଦଯାପନି ଉତ୍ସବରେ ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗର ଚିକିତ୍ସକ ୩୫୦କୁ ଅଧିକ ରୋଗୀଙ୍କୁ ଚିକିତ୍ସା କରାଇଥିଲେ। ସେମାନଙ୍କ ଭିତରେ ୨ ଜଣ ଶ୍ରବଣ ବାଧିତ ଶିଶୁ, ଜଣେ ରକ୍ତହୀନ ଶିଶୁ, ଜଣେ ହୃଦୟ ସମ୍ବନ୍ଧିତ ଅସୁସ୍ଥ ଶିଶୁ ବରିଷ୍ଠ ଶିଶୁରୋଗୀ ବିଶେଷଜ୍ଞ ଡାଃ ରାୟ ଚିହ୍ନଟ କରିଥିଲେ। ଏ ବିଷୟରେ ସଂଗଠନ ତରଫରୁ ମୁଖ୍ୟ ଚିକିତ୍ସାଧାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭୈଷଜ (ଫାରମାଶିଷ୍ଟ) ରଞ୍ଜନ କୁମାର ଗିରି, ପର୍ଶୁରାମ ସେଠୀ, ସହାୟକ ବିରେନ କୁମାର ମହାନ୍ତି, ହରିନାରାୟଣ ସେଠୀ ଔଷଧ ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ଆଚାର୍ଯ୍ୟ, ପ୍ରଣବକୁମାର ଦାସ, ସଞ୍ଜୟକୁମାର ଦାସ, ମାନସ ଶତପଥି, ଜୟଶଂକର ବେହେରା, ଶୁକାନ୍ତ ପରିଡ଼ା, ସୁଧାଂଶୁ ଶେଖର ପଣ୍ଡା, ସଂଜୀବ ଲୋଚନ ଦାସ, ସୁବ୍ରତା ପରିଡ଼ା, ଅନିକେତ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ଗେଙ୍ଗୁଟି ପଞ୍ଚାୟତ ସାଉଁ ଗ୍ରାମରେ ସଙ୍କଟ ମୋଚନ ହନୁମାନ ମନ୍ଦିର ନିକଟସ୍ଥ ପଡ଼ିଆରେ ଶିକ୍ଷକ ନେତା ତଥା ବିଶିଷ୍ଟ ସମାଜସେବୀ ବ୍ରଜେନ୍ଦ୍ର କୁମାର ପରିଡ଼ାଙ୍କ ୬୭ତମ ଜନ୍ମ ଉତ୍ସବ କୃଷି ବୈଜ୍ଞାନିକ କେଶବ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଗୁରୁ ଶେଷ ବ୍ରଜସାରଙ୍କର ଗୁଣ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅଭୟ ଦାସ ମୁଖ୍ୟ ବକ୍ତା ଭାବରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସହକର୍ମୀ ବଂଶୀଧର ପାତ୍ର, ପୂର୍ବତ ଜିଲ୍ଲାପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ଉଷାରାଣୀ ଦାସ, ସୁଧାକର ସେଠୀ ସ୍ମୃତି ଚାରଣ କରିଥିଲେ। ଦେବେନ୍ଦ୍ର ପରିଡ଼ା ମଞ୍ଚଆହ୍ୱାନ କରିଥିବା ବେଳେ ଅଭିନାସ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବିଜେବି ହାଇସ୍କୁଲରେ ଶହୀଦ ରଘୁ ଦିବାକରଙ୍କ ସ୍ମୃତିଚାରଣ

ଖୋର୍ଦ୍ଧା (ପିଏନ୍)-ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଗଡ଼ଜାତଗୁଡିକର ପ୍ରଜାଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିବା ରଘୁନାଥ ମହାନ୍ତି ଓ ଦିବାକର ପରିଡା ଖୋର୍ଦ୍ଧା ବକ୍ସି ଜଗବଂଧୁ ବିଦ୍ୟାଧର ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ତାଂକରି ଫାଶୀ ଦିବସରେ ଅନୁଷ୍ଠାନ ପରିସରରେ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଛି। ପୂର୍ବାହ୍ନ ୯ ଘଟିକା ସମୟରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସମେତ ବୁଦ୍ଧିଜୀବୀମାନେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଦେଶ ଓ ଜାତିକୁ ଭଲପାଇ ସେମାନେ ନିଜ ଜୀବନ ଉତ୍ସର୍ଗ କରିଥିଲେ। ଏହାପରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ସଭାଗୃହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ସେକ୍ ଗୋହର ଅଲ୍ଲୀ ସଭାପତିତ୍ୱ କରିଥିଲେ ଏବଂ ପ୍ରଫେସର ନାରାୟଣ ରାଓ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ସଂଗ୍ରାହକ ବିମଳ କୁମାର ଷଡ଼ଙ୍ଗୀ, ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର, ସମରେନ୍ଦ୍ର ବଳିଆରସିଂହ, ଜୟନ୍ତ ମହାନ୍ତି ସହିଦଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦମନ କରିବା ପାଇଁ ରଣପୁର ଆସିଥିବା ବିଟ୍ରିଶ ପଲିଟିକାଲ ଏଜେଂଟ୍ ମେଜର ବେଜେଲଗେଟ୍ ଉତ୍ତ୍ୟକ୍ତ ଜନତାଙ୍କ ଠେଙ୍ଗା ମାଡରେ ମୃତ୍ୟୁବରଣ କରିଥିଲେ । ବେଜେଲଗେଟ୍ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ରୂପେ ଶହୀଦ ରଘୁ-ଦିବାକରଙ୍କୁ ୪ ଏପ୍ରିଲ ୧୯୪୧ରେ ଫାଶୀ ଦିଆଯିବା ଭାରତ ଇତିହାସର ଏକ ବଡ଼ ଘଟଣା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସାଂପ୍ରତିକ ସମାଜରେ ଚାଲିଥିବା ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ ବିରୋଧରେ ସଂଗ୍ରାମ ଜାରି ରଖିବା ପାଇଁ ସମସ୍ତେ ଶପଥ ନେଇଥିଲେ। ରଘୁ-ଦିବାକରଙ୍କ ଜୀବନୀ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ର ପର୍ଶୁରାମ ମହାପାତ୍ର, ବିଭୁ ପ୍ରସାଦ ସିଂହ ଓ ଶାଶ୍ୱତ ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ସଭାରେ ଟ୍ରଷ୍ଟ ତରଫରୁ ପୁରସ୍କୃତ ହୋଇଥିଲେ । ଶିକ୍ଷକ ରଜନୀକାନ୍ତ ଦାଶ ନିଜ ଦ୍ୱାରା ରଚିତ କବିତା ମାଧ୍ୟମରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଶ୍ୱରଞ୍ଜନ ମିଶ୍ର, ଅଞ୍ଜନ ରାୟ, ବିଭୁ ସେନାପତି, ଚନ୍ଦ୍ରକାନ୍ତ ଦାସ, ଅର୍ଚ୍ଚନା ମହାନ୍ତି, ସବିତା ଦାସ, ପୁଷ୍ପା ପ୍ରଧାନ, ରୋଜାଲିନ୍ ରାଉତରାୟ, ସଲିଳ ରାଉତରାୟ, ବିଭୁ ପଣ୍ଡା, ଇଫତ୍ ଜନ୍, ଚିନ୍ମୟୀ ପ୍ରଭୃତି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ନୀତି ନିବାରଣ ସପ୍ତାହ ମହାସମାରୋହ ପାଳନ

ଭୁବନେଶ୍ୱର, (ପି.ଏନ): ତା ୨.୧୧.୨୩ ରିଖ ଦିନ କୋରାପୁଟ ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ମହାସମାରୋହ ରେ ପାଳନ ହୋଇଯାଇଛି । ସକାଳ ୯ ଘଟିକା ସମୟରେ ଜିଲ୍ଲାପାଳ, କୋରାପୁଟଙ୍କ କାର୍ଯ୍ୟାଳୟରୁ ଏକା ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସଦଭାବନା ସଭାଗୃହ ଠାରେ ପହଞ୍ଚିଥିଲା ।ଏହି ଶୋଭାଯାତ୍ରା ରେ ବିଭିନ୍ନ ବିଦ୍ୟାଳୟର ଛାତ୍ର /ଛାତ୍ରୀ ଓ଼ ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀ ସଦସ୍ୟା ମାନେ ଅଂଶଗ୍ରହଣ କରିଥିଲେ । ଦିବା ୧୧ ଘଟିକା ସମୟରେ ସଦଭାବନା ସଭାଗୃହଠାରେ କୋରାପୁଟ ଜିଲ୍ଲାପାଳ ଶ୍ରୀଯୁକ୍ତ ଅବ୍ଦଲ ମ. ଅଖତର, ଭା. ପ୍ର. ସେ ଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଓ଼ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ଶ୍ରୀଯୁକ୍ତ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ଜୟପୁର ସ୍ୱାଗତ ଅଭିଭାଷଣ ଦେବା ସହ ଏହି ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ସୂଚ଼ନା ଦେଇଥିଲେ । ଏହା ପରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ, କର୍ମଚ଼ାରୀ, ରାଜନୈତିକ ବ୍ୟକ୍ତି ବିଶେଷ, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ ତଥା କୋରାପୁଟ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ରଘୁରାମ ପୋଡାଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅଭିନବ ସୋନକାର, ଭା.ପୁ. ସେ, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧକ୍ଷ ଶ୍ରୀ ଲଲାଟ ରଞ୍ଜନ ସେଠୀ, କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଉପାଧକ୍ଷା ଶ୍ରୀମତୀ ଲକ୍ଷ୍ମୀ ହନ୍ତାଳ , ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝି, ବନଖଣ୍ଡ ଅଧିକାରୀ ଶ୍ରୀ କେ. ଭି. ଭାସ୍କର ରାଓଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଦ୍ୟାଳୟ ଓ଼ ମହାବିଦ୍ୟାଳୟର ଛାତ୍ର, ଛାତ୍ରୀ ଅଂଶଗ୍ରହଣ କରିଥିଲେ. ଏହି ଅବସରରେ ବିଦ୍ୟାଳୟ ଓ଼ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଓ଼ ଚି଼ତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମକୁ ଦୁର୍ନୀତି ନିବାରଣ ବିଭାଗ ଜୟପୁର ର ଇନିସପେକଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ, ସନ୍ତୋଷ ପାଣିଗ୍ରାହୀ ଓ଼ ଦିଲୀପ ଭୂୟାଁ ସହଯୋଗ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚ଼ନା ଓ଼ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସ୍ୱରାଜ୍ୟ ସୀସା ପରିଚ଼ାଳନା କରିଥିଲେ।




## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ମିଶନ ଶକ୍ତି ବିଭାଗ ପକ୍ଷରୁ ସଚେତନତା ରାଲି

ବଲାଙ୍ଗିର, (ପି.ଏନ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ - ୨୦୨୩ ଅକ୍ଟୋବର ୩୦ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି ସପ୍ତାହ ପାଳନ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ମୁନିସିପାଲିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଏସପି ସୁରେଶ ନାୟକ , ଡ଼ିଏସପି ଭିଜିଲାନ୍ସ ,ବଲାଙ୍ଗିର ପୁଲସ୍ତି ଛତ୍ରିଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ରାଲି କୋଶଳ କଳା ମଣ୍ଡଳ ପଡିଆରୁ ବାହାରି ସହର ପରିକ୍ରମା କରିଥିଲା । ଏହି ସଚେତନତା ରାଲିରେ ଦୁର୍ନୀତି ହଟାଇବା ସହ ପ୍ରଗତି ପଥେ ଦେଶକୁ ଆଗେଇ ନେବାକୁ ସ୍ଲୋଗାନ ଦିଆଯାଇଥିଲା । ଦୁଇ ଶହରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟାଙ୍କ ସମେତ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖାର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

## ଚିରାଗ ପାସୱାନଙ୍କୁ ଜନ୍ମଦିନରେ ଅମିତ ଶାହ ଏବଂ ଜେ.ପି. ନଡ୍ଡା ଦେଲେ ଶୁଭକାମନା

ପାଟନା, (ପି.ଏନ): ଲୋଜପା(ରାମବିଳାସ)ଙ୍କ ପ୍ରମୁଖ ଚିରାଗ ପାସୱାନ ଆଜି ୪୧ତମ ଜନ୍ମଦିନ ପାଳନ କରୁଛନ୍ତି। ତାଙ୍କ ଜନ୍ମଦିନରେ ଦେଶର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତାଙ୍କୁ ଶୁଭକାମନା ଦେଇଛନ୍ତି। ଏହି ସୂଚନା ଚିରାଗ ପାସୱାନ ଆଜି ସାମ୍ବାଦିକଙ୍କୁ ସାକ୍ଷାତ ସମୟରେ କହିଛନ୍ତି।ଚିରାଗ କହିଛନ୍ତି ଯେ ଅମିତ ଶାହ ଏବଂ ଜେ.ପି. ନଡ୍ଡା ଫୋନ୍‌ରେ ତାଙ୍କୁ ଜନ୍ମଦିନର ବଧାଇ ଦେଇଛନ୍ତି। ଏହି ସମୟରେ ଚିରାଗ ଅମିତ ଶାହଙ୍କୁ କହିଛନ୍ତି ମୋ ଲକ୍ଷ୍ୟ ଯେ ଆଗାମୀ ଲୋକସଭା ନିର୍ବାଚନରେ ବିହାରରେ ଏନ୍‌ଡିଏକୁ ୪୦-୪୦ ସିଟ୍ ଜିତାଇବି। ଏହାକୁ ନେଇ ସେ ଏବେ ଏନ୍‌ଡିଏକୁ ମଜବୁତ କରିବାକୁ ଲାଗିଛନ୍ତି।ପାଟନା ଏବଂ ଜମୁଇରେ ଚିରାଗ ପାସୱାନଙ୍କ ଘରେ ପହଂଚି ବଡ଼ ସଂଖ୍ୟାରେ ପାର୍ଟି ନେତାମାନେ ଏବଂ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ବଧାଇ ଦେଇଛନ୍ତି।

# ଡାଲଖାଇ ଗବେଷଣା କେନ୍ଦ୍ର ଓ ପ୍ରଶିକ୍ଷଣ ପାଇଁ ତହଁକ୍ କୁଟୁମ ପକ୍ଷରୁ ଦାବି ପତ୍ର ପ୍ରଦାନ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲାର ଡାଲଖାଇ, ହୁମୋ ବଉଲି, ଡାପ, ଘୁଡ଼କା ଆଦି ଲୋକକଳା ଅତି ପ୍ରାଚୀନ ଏବଂ ସ୍ୱତନ୍ତ୍ର । ବଲାଙ୍ଗିର ଜିଲ୍ଲାର ଗ୍ରାମାଂଚଳର ନାରୀମାନେ ଡାଲଖାଇ, ହୁମୋ ବଉଲି ଆଦି ଲୋକକଳାକୁ ବଂଚାଇ ରଖିବାକୁ ଏବେ ବି ସଂଘର୍ଷ କରୁଛନ୍ତି । ପ୍ରୋତ୍ସାହନ ଅଭାବରୁ ଦାଦନ ପ୍ରବଣ ବଲାଙ୍ଗିରରେ ଏହିସବୁ ମହାନ୍ ଲୋକକଳା ହଜିବାକୁ ବସିଲାଣି । ଏହି ଲୋକକଳାକୁ ପୁନରୁଦ୍ଧାର ସହ ପ୍ରଚାର ପ୍ରସାର ପାଇଁ ବଲାଙ୍ଗିର ଜିଲ୍ଲାରେ ଡାଲଖାଇ, ହୁମୋ ବଉଲି, ଢ଼ାପ, ଘୁଡକା ଆଦିର ପ୍ରଶିକ୍ଷଣ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ତହଁକ୍ କୁଟୁମ ପକ୍ଷରୁ ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି । ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ ଭାରତ ସରକାର ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ମଧ ଅନୁରୋଧ ପତ୍ର ଦିଆଯିବ ବୋଲି ତହଁକ୍ ସମ୍ପାଦକ ରାଜେଶ୍ ଦଣ୍ଡସେନା ଜଣାଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ଲୋକକଳା ଗବେଷଣା କେନ୍ଦ୍ର ତଥା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହେଲେ ପଡୋଶୀ ଜିଲ୍ଲା ଉପକୃତ ହେବା ସହ ଦାଦନ ସମସ୍ୟା ପ୍ରଶମିତ ହେବ ବୋଲି ତହଁକ ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ କହିଛନ୍ତି । ଆଗାମୀ ଦିନରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାର ଲୋକକଳା, ସଂସ୍କୃତି ପୁନରୁଦ୍ଧାର ଏବଂ ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ଜିଲ୍ଲାରେ ସେହି ଜିଲ୍ଲାର ମୌଳିକ କଳାର ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ସରକାରଙ୍କୁ ନିବେଦନ ପତ୍ର ପଠାଯିବ ବୋଲି ତହଁକ କୁଟୁମ ତରଫରୁ ସୂଚନା ଦିଆଯାଇଛି । ଗବେଷକ କପିଳେଶ୍ୱର ଖମାରୀ, ସଂଗଠକ ଅଶୋକ କୁମାର ସାହୁ, ସାମ୍ବାଦିକ ବିଭୁକଲ୍ୟାଣ ଗଡତ୍ୟା, କବୟିତ୍ରୀ ତପସ୍ୱିନୀ ପଶାୟତ ପ୍ରମୁଖ ସେଠାରେ ଉପସ୍ଥିତ ରହିଥିଲେ ।

# ଦମୋହ : ବେଆଇନ ବାଣ କାରଖାନାରେ ବିସ୍ଫୋରଣ, ତିନି ଜଣଙ୍କର ମୃତ୍ୟୁ, ୧୦ ଆହତ

ଦମୋହ, (ପି.ଏନ): ମଙ୍ଗଳବାର ଅପରାହ୍ନରେ ସହରର ବଡ଼ା ପୋଲ ଅଂଚଳରେ ବେଆଇନ ଭାବେ ପରିଚାଳିତ ବାଣ କାରଖାନାରେ ବିସ୍ଫୋରଣରେ କାରଖାନା ମାଲିକଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଛି । ଯେଉଁଥିରେ ଦୁଇଜଣ ମହିଳା ମଧ୍ୟ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏହି ଦୁର୍ଘଟଣାରେ ୧୦ ଜଣ ଶ୍ରମିକ ଗୁରୁତର ଭାବରେ ଜଳି ଯାଇଥିଲେ । ବାରୁଦର ଆଘାତ ପାଇବା ପରେ କାରଖାନା ମାଲିକଙ୍କ ଶରୀର ଅଧା ପୋଡ଼ିଯାଇଥିଲା । ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଂଚି ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଛି । ଆହତ ମାନଙ୍କୁ ଡାକ୍ତରଖାନା ପଠାଯାଇଛି । ଘଟଣା ସ୍ଥଳରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି ।ସୂଚନା ଅନୁସାରେ ମଙ୍ଗଳବାର ଦିନ ରାତି ପ୍ରାୟ ଗୋଟାଏ ସମୟରେ ସହରର ବାଡ଼ା ପୋଲ ଅଂଚଳରେ ଥିବା ଏକ ବାଣ କାରଖାନାରେ ବ୍ୟାପକ ବିସ୍ଫୋରଣ ହୋଇଥିଲା । ଏହି କାରଣରୁ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ଏହା ବ୍ୟତୀତ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ଆବର୍ଜନା ତଳେ ପୋତି ହୋଇଥିବା ଲୋକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଛି । ସୂଚନା ପାଇବା ମାତ୍ରେ ଦମୋହ ପୋଲିସ ଅଧିକ୍ଷକ ସୁନୀଲ କୁମାର ତିୱାରୀ ଏବଂ କଲେକ୍ଟର ମୟଙ୍କ ଅଗ୍ରୱାଲ ମଧ୍ୟ ଘଟଣାସ୍ଥଳରେ ପହଂଚିଥିଲେ । ଏହା ବ୍ୟତୀତ ପୋଲିସ ଫୋର୍ସ, ପ୍ରଶାସନ ଏବଂ ନଗର ପାଳିକା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ସମ୍ବଲପୁର, (ପି.ଏନ): ରାଷ୍ଟ୍ରୀୟ ଏକତା ଦିବସ ୨୦୨୩ ରେ ଜାତୀୟ ଏକତା ଚାଲିବା ପାଇଁ ସମ୍ବଲପୁର ଡାକ ଅଂଚଳ ଏକତ୍ର ହୋଇଛି। ଏକତା ଏବଂ ଦେଶପ୍ରେମର ଉତ୍ସାହର ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ ସମ୍ବଲପୁର ଡାକ ଅଂଚଳ ଆଜି ରାଷ୍ଟ୍ରିୟ ଏକତା ଦିବସ ୨୦୨୩ ଅବସରରେ ଏକ ''ରନ୍ ଫର୍ ୟୁନିଟି'' କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ମହାପାତ୍ର (ପୋଷ୍ଟର ସହକାରୀ ନିର୍ଦ୍ଦେଶକ), ଶ୍ରୀ ବିପିନ୍ ବିହାରୀ ନେଗି (ପୋଷ୍ଟ ଅଫିସ୍ ସମ୍ବଲପୁର ଡିଭିଜନର ଅଧୀକ୍ଷକ), ସମ୍ବଲପୁର ଡିଭିଜନର ସହକାରୀ ଅଧୀକ୍ଷକ ସତ୍ୟବ୍ରତ ଗହାନ୍ ଏବଂ ମୁଖ୍ୟ ଡାକପାଳ ନିରଞ୍ଜନ ନାରାୟଣ ସତ୍ୟପାଠୀ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ଡାକ ଅଂଚଳ କାର୍ଯ୍ୟାଳୟ, ସମ୍ବଲପୁର ଡିଭିଜନ କାର୍ଯ୍ୟାଳୟ ଏବଂ ସମ୍ବଲପୁର ମୁଖ୍ୟ କାର୍ଯ୍ୟାଳୟର କର୍ମଚାରୀମାନେ ।ପ୍ରଥମେ ସମସ୍ତ କର୍ମଚାରୀ ଏହି ବିଶେଷ ଉତ୍ସବରେ ଜାତୀୟ ଏକତା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ପରେ ଏକତା କାର୍ଯ୍ୟକ୍ରମ ସକାଳ ସାଢେ ୬ଟାରେ ଆଇକନିକ୍ ସାମଲେଶ୍ୱରୀ ମଣ୍ଡପରେ ଆରମ୍ଭ ହୋଇଥିଲା ଏବଂ ଲକ୍ଷ୍ମୀ ଟକିଜ୍ ଏବଂ ଜେଲ୍ ଚକ୍ ମାଧ୍ୟମରେ ଏକ ସ୍ମରଣୀୟ ମାର୍ଗ ନେଇ ସହିଦ ଷ୍ଟାମ୍ଭରେ ଶେଷ ହୋଇଥିଲା। ଆଇରନ୍ ମ୍ୟାନ୍ ଅଫ୍ ଇଣ୍ଡିଆର ସର୍ଦ୍ଦାର ଭାଲାଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣୀୟ କରିବା ତଥା ଏକତା ତଥା ଏକୀକରଣର ବାର୍ତ୍ତା ପ୍ରଚାର କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ବିଷୟରେ ସମ୍ବଲପୁର ଅଂଚଳର ଯାଦବଶ୍ୱର ଗାରନାୟକ (ପୋଷ୍ଟର ସହକାରୀ ନିର୍ଦ୍ଦେଶକ) ଡାକ କର୍ମଚାରୀଙ୍କ ଅତ୍ୟଧିକ ପ୍ରତିକ୍ରିୟାରେ ଖୁସି ବ୍ୟକ୍ତ କରିଛନ୍ତି। ସେ ପ୍ରକାଶ କରିଛନ୍ତି, ରାଷ୍ଟ୍ରିୟ ଏକତା ଦିବସ ହେଉଛି ଭାରତକୁ ଏକୀକରଣ କରିବାରେ ସର୍ଦ୍ଦାର ଭାଲାଭଭାଇ ପଟେଲଙ୍କ ଅତୁଳନୀୟ ଅବଦାନକୁ ମନେ ରଖିବା ପାଇଁ ଏକ ଦିନ। ଆମ ଡାକ ଦଳର ଏହି ଉତ୍ତମ କାର୍ଯ୍ୟ ପାଇଁ ଏକାଠି ହେବା ଆମ ଦେଶର ଏକତା ଏବଂ ଅଖଣ୍ଡତାର ପ୍ରତୀକ ଅଟେ। ସମ୍ବଲପୁର ଅଂଚଳର ପୋଷ୍ଟର ସହକାରୀ ନିର୍ଦ୍ଦେଶକ ସ୍ମିତା ମହାପାତ୍ର ଆହୁରି ମଧ କହିଛନ୍ତି ଯେ ଏକତା ପାଇଁ କାର୍ଯ୍ୟକ୍ରମ କେବଳ ଏକ ଚାଲିବା ନୁହେଁ; ଏହା ଆମର ମହାନ ରାଷ୍ଟ୍ରକୁ ବାନ୍ଧି ରଖିଥିବା ଏକତାର ଆତ୍ମାକୁ ସମ୍ମାନ ଏବଂ ପାଳନ କରିବା ପାଇଁ ଆଭିମୁଖ୍ୟ ଅଟେ। ଏହି ଘଟଣାର, ଯାହା ଆମ ସମସ୍ତଙ୍କୁ ଜାତୀୟ ଏକତା ଅନୁସରଣରେ ନିକଟତର କରିଥାଏ। ବିଭିନ୍ନ ବିଭାଗ ଏବଂ କାର୍ଯ୍ୟାଳୟର ଅଂଶଗ୍ରହଣକାରୀମାନେ ମିଳିତ ଭାରତର ଧାରଣା ପ୍ରତି ସେମାନଙ୍କର ଅଦମ୍ୟ ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି କାର୍ଯ୍ୟକ୍ରମ ଏକ ମହତ୍ୱପୂର୍ଣ୍ଣ ସଫଳତା ଥିଲା । ରନର୍ସମାନେ ଧଳା ଟି-ସାର୍ଟ ପିନ୍ଧି ଗର୍ବର ସହିତ ତ୍ରିକୋଣକୁ ହଲାଇ ଜାତୀୟ ଏକତା ପାଇଁ ସେମାନଙ୍କର ସମର୍ଥନକୁ ପ୍ରତୀକ କଲେ ।ସମ୍ବଲପୁର ଡାକ ଅଂଚଳର 'ରନ୍ ଫର୍ ଏକତା' କାର୍ଯ୍ୟକ୍ରମ ସର୍ଦ୍ଦାର ଭାଲାଭଭାଇ ପଟେଲଙ୍କ ଆଦର୍ଶ ପ୍ରତି ଡାକ କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ମିଳିତ ଭାରତ ପାଇଁ ତାଙ୍କର ଦୃଷ୍ଟିକୋଣର ପ୍ରକୃତ ପ୍ରତିଫଳନ ଥିଲା। ଏହା ଏକ ଦିନ ଥିଲା ଯେତେବେଳେ ଡାକ କର୍ମଚାରୀମାନେ ଏକତ୍ରିତ ହୋଇ ଆମ ଦେଶର ସମୃଦ୍ଧ ବିବିଧତାକୁ ପାଳନ କରିଥିଲେ ଏବଂ ଜାତୀୟ ଏକତା ପାଇଁ ସେମାନଙ୍କର ଉତ୍ସର୍ଗୀକୃତତାକୁ ନିଶ୍ଚିତ କରିଥିଲେ ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ର୍ ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସ୍‌ୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍ପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।




# ରମା ଏକାଦଶୀ ମହାତ୍ମ୍ୟ




କାର୍ତ୍ତିକ ମାସ କୃଷ୍ଣପକ୍ଷ ଏକାଦଶୀର ନାମ ରମା ଏକାଦଶୀ। ଏହି ଏକାଦଶୀର ମହାତ୍ମ୍ୟ ବୁଝାଇ ଭଗବାନ ବିଷ୍ଣୁ ଯୁଧିଷ୍ଠିରଙ୍କୁ କୁହନ୍ତି ଯେ ମୁଚକୁନ୍ଦ ନାମକ ଜଣେ ରାଜା ସତ୍ୟବାଦୀ ତଥା ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ତାଙ୍କ କନ୍ୟାର ନାମ ଚନ୍ଦ୍ରଭାଗା ଥିଲା। ତାଙ୍କର ବିବାହ ରାଜକୁମାର ଶୋଭନଙ୍କ ସହିତ ହୋଇଥିଲା। ଶୋଭନ ବହୁତ ଦୁର୍ବଳ ଥିଲେ ଅଥଚ ଶ୍ରଦ୍ଧା ଓ ମାନସିକ ଶକ୍ତିରେ ସେ ଖୁବ୍ ଶକ୍ତିଶାଳୀ ଥିଲେ। ଏକଦା ସେ ଶ୍ୱଶୁର ଘରକୁ ଯାଇଥିଲେ। ଠିକ୍ ସେତିକି ବେଳେ ରମା ଏକାଦଶୀ ପଡିଲା। ରାଜା ମୁଚୁକୁନ୍ଦ ରାଜ୍ୟରେ ଡ଼େଙ୍ଗୁରା ଦେଲେ ଯେ ସମସ୍ତ ପ୍ରଜାକୂଳ ଏହି ଏକାଦଶୀ ପାଳନ କରିବାକୁ ବାଧ୍ୟ। ତା'ବି ଘୋଷଣା କଲେ ଯେ ଏମିତିକି ହାତୀ, ଘୋଡା, ଓଟ ଏବଂ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ଖାଇବାକୁ ଦିଆଯିବ ନାହିଁ। ସେମାନେ ବି ଉପବାସ କରିବେ। ଏକଥା ଶୁଣି ଶୋଭନ ନିଜ ସ୍ତ୍ରୀକୁ କହିଲେ: ମୋର ଶରୀରର ଅବସ୍ଥା ଯାହା ଉପବାସ କରିବିତ ବଂଚିପାରିବି ନାହିଁ। ଏବେ କୁହ କଣ କରାଯିବ? ଏଥିକୁ ତାଙ୍କ ସ୍ତ୍ରୀ କହିଲେ ଯେ ଯଦି ଉପବାସ କରିବାର ଦୈହିକ ଶକ୍ତି ନାହିଁ, ତେବେ ଏଠାରୁ ତୁମେ ଅନ୍ୟସ୍ଥାନ ଚାଲିଯାଅ। ଉତ୍ତରରେ ସେ ଚନ୍ଦ୍ରଭାଗାଙ୍କୁ କହିଲେ : ମାନୁଛି ଯେ ଉପବାସ ପାଇଁ ମୋଠାରେ ଶାରୀରିକ ଶକ୍ତି ଦୁର୍ବଳ ହେଲେ ହେଁ, ମୋ ମନ ମଧ୍ୟରେ ଶ୍ରଦ୍ଧା ଓ ଭକ୍ତି ଏଥିପାଇଁ ବହୁ ପ୍ରବଳ । ଏଣୁ ମୁଁ ପ୍ରତିଶ୍ରୁତିବଦ୍ଧ ଯେ ମୋ ଶରୀରରୁ ଘଟ ପଛେ ତୁଟି ଯାଉ ମୁଁ ବ୍ରତ ଭାଙ୍ଗିବି ନାହିଁ । ଏଣୁ ସେ ରମା ଏକାଦଶୀ ବ୍ରତ କଲେ। ଭୋକ ଓ ଶୋଷ କାରଣରୁ ସତରେ ତାଙ୍କର ପ୍ରାଣବାୟୁ ଉଡିଗଲା ଅଥଚ ବ୍ରତର ପ୍ରଭାବରେ ଇନ୍ଦ୍ରାଂଚଳ ପର୍ବତ ଉପରେ ଥିବା ରତ୍ନ ଜଟିତ ଉତ୍ତମ ନଗର ତାଙ୍କୁ ପ୍ରାପ୍ତ ହେଲା। ଏଠାରେ ସେ ଇନ୍ଦ୍ରଙ୍କ ସୁଲାଭ ଆନନ୍ଦ ପାଇଲେ । ଗନ୍ଧର୍ବ ଓ ଅପ୍ସରାମାନେ ତାଙ୍କର ସେବା ଏବଂ ସ୍ତୁତିଗାନ କଲେ। ଏକଦା ମୁଚକୁନ୍ଦ ନଗରୀର ଜଣେ ବ୍ରାହ୍ମଣ ସୌମ୍ୟ ଶର୍ମା ତୀର୍ଥ ବାହାରୀ ସେଠାରେ ପହଂଚିଲେ। ତାଙ୍କର ଶୋଭନଙ୍କ ସହିତ ପରିଚିତ ହେଲା ଏବଂ ସେ ସେ ସ୍ଥାନ କିପରି ପାଇଲେ ବୋଲି ପଚାରିଲେ। ଶୋଭନ କହିଲେ ଯେ ଏସବୁ ରମା ଏକାଦଶୀ ପାଳନର ଫଳ। ମୋ ଜନ୍ମର ସମସ୍ତ ପାପର ବିନାଶ ଘଟିଛି ଏବଂ ମୋତେ ଏ ଅନୁପମ ନଗର ଓ ଦେବସୁଖ ମିଳିଛି । ତେବେ ଏ ନଗର ମୋ ପାଇଁ ଅଧ୍ରୁବ । କେବଳ ଧ୍ରୁବ ମୋ ପତ୍ନୀ ଯୋଗୁଁ ସମ୍ଭବ ହୋଇପାରେ। ତୁମେ ଏ ବାର୍ତ୍ତା ତାଙ୍କୁ ଦେବ? ବ୍ରାହ୍ମଣ ଏ ବାର୍ତ୍ତା ଚନ୍ଦ୍ରଭାଗାଙ୍କୁ ଦେଲେ। ଏବେ ଚନ୍ଦ୍ରଭାଗା ମନ୍ଦ୍ରାଂଚଳ ପର୍ବତରେ ଥିବା ମୁନି ବାମଦେବଙ୍କ ଆଶ୍ରମରେ ପହଂଚିଲେ। ସେ ତାଙ୍କ ସ୍ୱାମୀଙ୍କ ସହିତ କିପରି ମିଶିବେ ତା'ର ଉପାୟ ଆତ୍ମଭିକ୍ଷା କଲେ। ମୁନି ତାଙ୍କୁ ମନ୍ତ୍ରଦ୍ୱାରା ଅଭିଷେକ କଲେ। ସେ ଘଟ ଛାଡିଲେ ଏବଂ ଦିବ୍ୟ ଶରୀର ଧରି ସ୍ୱାମୀଙ୍କ ପାଖେ ପହଂଚିଲେ। ଶୋଭନଙ୍କ ଅଧ୍ରୁବ ଅନୁପମ ନଗର, ଏବେ ଧ୍ରୁବରେ ପରିଣତ ହେଲା। ସେମାନେ ଏବେ ରମା ଏକାଦଶୀ ପାଳନ ପୂର୍ବକ ନିଶ୍ଚିତ ଏବଂ ଜୀବନଯାପନ କଲେ। କାହାଣୀ ନିଶ୍ଚୟ ମଧୁର। କୁହାଯାଏ ଯେ କାହାଣୀ ଶୁଣିଲାବାଲାର ବି ବିଷ୍ଣୁଲୋକ ପ୍ରାପ୍ତି ହୁଏ। ମନ ଜିଣି ଉପବାସ ପାଇଁ ସ୍ୱାସ୍ଥ୍ୟାର୍ଥେ ପ୍ରବର୍ତ୍ତାଇବାର ଏହା ଏକ ବଳିଷ୍ଠ ମାଧ୍ୟମ।

# ଜନମତ ଓ ଅଦାଲତ

ସ୍ୱାଧୀନତାର ସାତ ଦଶନ୍ଧି ପରେ ଆଜି ବି ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ବ୍ରିଟିଶ ଅମଳର କେତେକ ଆଇନ ପ୍ରଚଳିତ ଥିବା ଦେଖିବାକୁ ମିଳେ। କେବଳ ଦେଖିବାକୁ କହିଲେ ଭୁଲ ହେବ, ଆଧୁନିକ ସମୟରେ ସେସବୁରୁ କେତେଗୋଟି, ବିଶେଷକରି ଦେଶଦ୍ରୋହ, ଅଦାଲତ ଅବମାନନା ଆଇନ ଅଧିକ ପ୍ରୟୋଗ ହେଉଥିବା ମଧ ଦୃଷ୍ଟିଗୋଚର ହୁଏ। ପରିଣତିରେ ସାଂପ୍ରତିକ ସମୟରେ ଜନ ସମାଜ କଥା କହିବାକୁ ମଧ ଭୟ କରିବା ଆରମ୍ଭ କରି ଦେଲେଣି। ସମ୍ବିଧାନରେ ନାଗରିକମାନଙ୍କୁ ପ୍ରଦତ୍ତ ବାକ୍ ସ୍ୱାଧୀନତାର ଅଧିକାର ଉପରୋକ୍ତ ଆଇନ ଦୁଇଟିର ଭୁଲ ତର୍ଜମା ଯୋଗୁଁ ଚାପି ହୋଇଯିବାକୁ ବସିଲାଣି। ଅବଶ୍ୟ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନର ଧାରା ୬୬(କ)କୁ ବାତିଲ କରି ଦେଶଦ୍ରୋହ ଆଇନର ପରିସରକୁ ସଂକୁଚିତ କରି ଦେଇଛନ୍ତି। ତଥାପି ବର୍ତ୍ତମାନ ସମୟରେ କେତେକ କ୍ଷେତ୍ରରେ ଏହି ଆଇନର ଉପଯୋଗ ହେବା ବନ୍ଦ ହୋଇନାହିଁ। ନିକଟଅତୀତରେ ଜମ୍ମୁ-କଶ୍ମୀରର ଏକ ମାମଲା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଅଦାଲତ ଅବମାନନା ଆଇନ ବିରୁଦ୍ଧରେ ସ୍ପଷ୍ଟ ମତ ରଖିଛନ୍ତି।

ମାମଲାର ସମଗ୍ର ଘଟଣାକ୍ରମ ଥିଲା ନିମ୍ନମତେ। ଜମ୍ମୁ-କାଶ୍ମୀରର ନିମ୍ନ ଅଦାଲତମାନଙ୍କରେ ମୋକଦ୍ଦମା ଲଢୁଥିବା ଲୋକଙ୍କଠାରୁ ସଂଗୃହିତ ମତାମତ ଆଧାରରେ ୨୦୦୬ ମସିହାରେ ଟ୍ରାନ୍ସପ୍ୟାରେନ୍ସି ଇଣ୍ଟରନ୍ୟାସନାଲ ଇଣ୍ଡିଆ ଏବଂ ସେଣ୍ଟର ଫର୍ ମିଡ଼ିଆ ଷ୍ଟଡିଜ୍ ଏକ ରିପୋର୍ଟ ପ୍ରକାଶ କରିଥିଲେ। ଏହି ରିପୋର୍ଟରେ ନିମ୍ନ ଅଦାଲତଗୁଡ଼ିକ ସମ୍ପର୍କରେ ସମଗ୍ର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଂଗୃହୀତ ଲୋକମାନଙ୍କର ଧାରଣାକୁ ସନ୍ନିବେଶିତ କରାଯାଇଥିଲା। ସଂଗୃହୀତ ମତାମତଗୁଡ଼ିକ ମଧରୁ ୯୦ ପ୍ରତିଶତରୁ ଅଧିକ କ୍ଷେତ୍ରରେ ଲୋକମାନେ ନିମ୍ନ ଅଦାଲତମାନଙ୍କରେ ଦୁର୍ନୀତି ହେଉଥିବା ସମ୍ପର୍କରେ ଅଭିଯୋଗ ଉଠାଇଥିଲେ। ଏହାପରେ ଉକ୍ତ ରାଜ୍ୟର ଜଣେ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ତଥ୍ୟ ସଂଗ୍ରହ କରିଥିବା ଉପରୋକ୍ତ ଦୁଇ ଅନୁଷ୍ଠାନଙ୍କ ବିରୁଦ୍ଧରେ ୧୯୭୧ ମସିହାର ଅଦାଲତ ଅବମାନନା ଆଇନକୁ ଲାଗୁ କରି ଉଭୟ ସଂସ୍ଥାର ମୁଖ୍ୟମାନଙ୍କ ନିକଟକୁ ପ୍ରଥମେ ନୋଟିସ୍ ଏବଂ ପରେ ପରେ ଗିରଫ ପରୱାନା ପଠାଇଥିଲେ। ତେବେ ସୁପ୍ରିମକୋର୍ଟ ସେ ସମୟରେ ଗିରଫ ପରୱାନା ଓ ଏହାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିଥିଲେ। ସଂପ୍ରତି ଏହାଉପରେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ ନିଜର ମନ୍ତବ୍ୟ ଦେଇ କହିଛନ୍ତି ଯେ ସାଧାରଣ ଜନତାଙ୍କ ମତାମତ ଉପରେ ଆଧାରିତ କୌଣସି ରିପୋର୍ଟ ଅଦାଲତ ଅବମାନନା ଆଇନର ପରିସର ଭିତରକୁ ଆସେନାହିଁ। ଏତଦ୍‌ବ୍ୟତୀତ ଲୋକମାନଙ୍କର ଏପରି ମତକୁ ନ୍ୟାୟାଳୟରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ବ୍ୟବହାର କରାଯାଇପାରେ। ଗଠନମୂଳକ ସମାଲୋଚନାଭିତ୍ତିକ ଜନମତକୁ ଉପରୋକ୍ତ ଆଇନର ଧାରା ୫ ଅନୁସାରେ ବିବେଚନା କରାଯାଇଥାଏ।

କୋର୍ଟଙ୍କ ଏପରି ମନ୍ତବ୍ୟ ବର୍ତ୍ତମାନ ସମୟରେ ଯଥେଷ୍ଟ ତାତ୍ପର୍ଯ୍ୟ ରଖେ, କାରଣ ଆଜିକା ସମୟରେ ଅନେକ କ୍ଷେତ୍ରରେ କୋର୍ଟମାନେ ନିଜକୁ ଆଇନ ଓ ସମ୍ବିଧାନର ସୀମା ସରହଦ ମଧରେ ସୀମିତ ରଖି ନଥିବା ପ୍ରାୟତଃ ଦୃଷ୍ଟି ଗୋଚର ହୋଇଥାଏ। ଉପରୋକ୍ତ ପ୍ରସଙ୍ଗରେ କୋର୍ଟ ଆହୁରି ମଧ କହିଛନ୍ତି ଯେ ଆତ୍ମସଂଶୋଧନ ଓ ଉତ୍ତରଦାୟିତ୍ୱ ନ୍ୟାୟାଳୟର ମର୍ଯ୍ୟାଦା ବୃଦ୍ଧି କରାଇବାରେ ସହାୟକ ହୋଇଥାଏ ଏବଂ ଜନମତ ନ୍ୟାୟାଳୟର ଏହି ଉଭୟ କାର୍ଯ୍ୟ ନିମନ୍ତେ ପ୍ରୋତ୍ସାହନ ପ୍ରଦାନ କରିଥାଏ। ପରିଶେଷରେ କୋର୍ଟ ଏକଥା ମଧ ସ୍ପଷ୍ଟ କରିଛନ୍ତି ନିମ୍ନ ଅଦାଲତର ଜଣେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଅଦାଲତ ଅବମାନନା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ କ୍ଷମତାର ଅଭାବ ରହିଛି, ସେ କେବଳ ସଂପୃକ୍ତ ପକ୍ଷଙ୍କ ବିରୁଦ୍ଧରେ ଏହାକୁ ଲାଗୁ କରିବା ସପକ୍ଷରେ ଉଚ୍ଚ ଅଦାଲତଙ୍କୁ ଅବଗତ କରାଇପାରିବେ। ପରିଶେଷରେ ମୋଟାମୋଟି ଏତିକି କୁହାଯାଇପାରେ ଯେ ବର୍ତ୍ତମାନ ସମୟରେ ଅଦାଲତ ଅବମାନନା ରହିବାର ପ୍ରାସଙ୍ଗିକତା ଭିତରକୁ ନପଶି ସୁପ୍ରିମକୋର୍ଟ ସୂଚାଇ ଦେଇଛନ୍ତି ଯେ ଏହି ଆଇନର ଏକ ଉଦାରବାଦୀ ତର୍ଜମା କରାଯିବାର ଆବଶ୍ୟକତା ରହିଛି।

## ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଅମିତ ଶାହ

ନୂଆଦିଲ୍ଲୀ, (ପି.ଏନ) ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ । ନୂଆଦିଲ୍ଲୀରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ଶାହ । ଦେଶ ଏକୀକରଣ ତଥା ନିର୍ମାଣରେ ବଲ୍ଲଭ ଭାଇ ପଟେଲଙ୍କ ଯୋଗଦାନ ଅବିସ୍ମରଣୀୟ । କୃତଜ୍ଞ ଦେଶ ତରଫରୁ ନୂଆଦିଲ୍ଲୀରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି ବୋଲି ଶାହ କହିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ଶାହ କହିଛନ୍ତି ଯେ, ଭାରତର ଏକତା ଓ ସମୃଦ୍ଧତା ବଲ୍ଲଭ ଭାଇ ପଟେଲଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । ଚଟାଣ ପରି ଦୃଢ଼ ଇଚ୍ଛାଶକ୍ତି, ରାଜନୈତିକ ବିଦ୍ୱାନତା ଓ କଠୋର ପରିଶ୍ରମ ବଳରେ ୫୫୦ରୁ ଅଧିକ ଭାଗରେ ବାଂଟିହୋଇଯାଇଥିବା ଭାରତକୁ ଏକ ସଙ୍ଗଠିତ ରାଷ୍ଟ୍ର ନିର୍ମାଣ ଦିଗରେ କାର୍ଯ୍ୟ କରିଥିଲେ । ସର୍ଦ୍ଦାର ପଟେଲଙ୍କ ଦେଶ ପାଇଁ ଉତ୍ସର୍ଗୀକୃତ ଜୀବନ ଓ ପ୍ରଥମ ଗୃହମନ୍ତ୍ରୀ ଭାବେ ଦେଶ ନିର୍ମାଣ କାର୍ଯ୍ୟ ଆମକୁ ସର୍ବଦା ପ୍ରେରଣା ଯୋଗାଇବ ବୋଲି ଶାହ କହିଛନ୍ତି । ଲୌହମାନବ ସର୍ଦ୍ଦାର ପଟେଲଙ୍କୁ ଜନ୍ମ ଜୟନ୍ତୀରେ କୋଟି କୋଟି ପ୍ରଣାମ କରିବା ସହ ସମସ୍ତ ଦେଶବାସୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶୁଭକାମନା ଜଣାଇଛନ୍ତି ଶାହ ।

## ବାଲେଶ୍ୱର ଚାନ୍ଦିପୁର ଶ୍ରିକୋଣା ଗ୍ରାମରୁ ବିରଳ ପ୍ରଜାତିର କଇଁଛ ଉଦ୍ଧାର

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଚାନ୍ଦିପୁର ଥାନା ଶ୍ରୀକୋଣା ଗ୍ରାମରୁ ଉଦ୍ଧାର ହୋଇଥିବା କଇଁଚ ପିଠିରେ ଜଗନ୍ନାଥଙ୍କ ପ୍ରତିଛବି ଦେଖିବାକୁ ମିଳିଛି। ଉଦ୍ଧାର ପରେ କଇଁଛଟିକୁ ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରିଥିଲେ। କଇଁଛ ଦେହରେ ଜଗନ୍ନାଥଙ୍କ ପ୍ରତିଛବି ଖବର ପ୍ରଘଟ ହେବା ପରେ କଇଁଛକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପରେ ସ୍ଥାନୀୟ ଲୋକମାନେ କଇଁଛଟିକୁ ନେଇ ସ୍ଥାନୀୟ ମନ୍ଦିରରେ ମଧ ପୂଜାର୍ଚ୍ଚନା କରି କଇଁଛଟିକୁ ମନ୍ଦିର ପୋଖରୀରେ ଛଡ଼ାଯାଇଥିବା ସୂଚନା ମିଳିଛି।

## ସବୁଜ ଦୀପାବଳୀ: ବାଣ ନୁହେଁ, ବେଲୁନ୍ ଫୁଟାନ୍ତୁ



ଭୁବନେଶ୍ୱର (ପିଏନ୍): ଆଲୋକର ପର୍ବ ଦୀପାବଳୀର ଅବ୍ୟବହିତ ପୂର୍ବରୁ ବିଭିନ୍ନ ରଙ୍ଗ ବେରଙ୍ଗର ବେଲୁନକୁ ନେଇ ଜନସଚେତନତା ଓ ଅଙ୍ଗୀକାରବଦ୍ଧ ଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଦୀପାବଳୀକୁ ପ୍ରଦୂଷଣ ଏବଂ ବିପଦମୁକ୍ତ କରିବା ପାଇଁ ସବୁଜ ଦୀପାବଳୀର ଏକ ନିଆରା ବାର୍ତ୍ତା ଦେଇଛନ୍ତି।

ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସୁଶାନ୍ତ ଇକୋ-ଫ୍ରେଣ୍ଡ୍‌ଲି ଦୀପାବଳୀର ଉପାଦେୟତାକୁ ସେ ବେଲୁନ୍ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଛନ୍ତି। 'ସେ ନୋ ଟୁ କ୍ରାକର୍ସ'କୁ ସମର୍ଥନ କରି ସେ କୁହନ୍ତି ଦେଶର ୫୦ ପ୍ରତିଶତ ବାୟୁ ପ୍ରଦୂଷଣ ଦୀପାବଳୀ ସମୟରେ ହିଁ ହୋଇଥାଏ। ବାଣରୁ ନିର୍ଗତ ଧୂଆଁରେ ସଲ୍‌ଫର୍ ଡ଼ାଇଅକ୍ସାଇଡ୍, କାର୍ବନ ଡ଼ାଇଅକ୍ସାଇଡ୍ ଓ କାର୍ବନ ମନୋଅକ୍ସାଇଡ୍ ପରି ମାରାତ୍ମକ ଗ୍ୟାସ୍ ଶ୍ୱାସ ପରି ମାରାତ୍ମକ ରୋଗ ସୃଷ୍ଟି କରେ। ଶବ୍ଦ ପ୍ରଦୂଷଣର ଜ୍ୱାଳା ମଧ ଭୋଗିବାକୁ ପଡ଼ିଥାଏ। ଆହୁରି ମଧ ଅନେକ ଜୀବଜନ୍ତୁ ଓ ପକ୍ଷୀମାନଙ୍କ ଜୀବନହାନୀ ଘଟିବା ସହ ଜୀବଜଗତକୁ ପ୍ରଭାବିତ କରିଥାଏ। ତତ୍‌ସହିତ ଅଗ୍ନିକାଣ୍ଡ ଘଟି ଅନେକ ଗରିବଙ୍କ ଘର ପୋଡ଼ି ହୋଇଯିବା ସହ ଧନଜୀବନ ନଷ୍ଟ ହୋଇଥାଏ।

ବାଣ ବ୍ୟବହାର ନକରି ବାଣ ବଦଳରେ ବେଲୁନ ଫୁଟାନ୍ତୁ ଏବଂ ଦୀପାବଳୀ ଉତ୍ସବ ପାଳନ କରି ନିଜେ ସୁରକ୍ଷିତ ରୁହନ୍ତୁ ଓ ଏହି ସୁନ୍ଦର ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଜନସାଧାରଣଙ୍କୁ ଶ୍ରୀ ସାହୁ ଏହି ଅବସରରେ ନିବେଦନ କରିଛନ୍ତି। ଯାହାକି ଏକ ସବୁଜ ସୁନ୍ଦର ପରିବେଶ ତିଆରିରେ ବେଶ୍ ସାହାୟକ ହୋଇପାରିବ ବୋଲି ସେ ଆଶାପ୍ରକଟ କରିଛନ୍ତି। ସୁଶାନ୍ତଙ୍କ ସବୁଜ ଦୀପାବଳୀର ଏହି ବାର୍ତ୍ତାଟି ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

## ଯକ୍ଷ୍ମା ମୁକ୍ତ ଭାରତ ଲାଗି ସଚେତନତା



ଜଗନ୍ନାଥପ୍ରସାଦ(ପିଏନ): ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ କାର୍ଯ୍ୟକ୍ରମ ଅବସରରେ ଗତ ଅକ୍ଟୋବର ମାସ ୬ ତାରିଖଠାରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଶୁକ୍ରବାର ଯକ୍ଷ୍ମା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ କମସରଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଦୁଆ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ସି.ଏଚ୍.ଓ. ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ମହିଳା ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ଗନ୍ତାୟତ, ଅଙ୍ଗନୱାଡ଼ି କର୍ମୀ, ରୀତାବାଳା ପଟ୍ଟନାୟକ ଓ ଯୋଜନଗନ୍ଧା ପ୍ରଧାନ ପ୍ରମୁଖ ସାମିଲ ହୋଇ ଟି.ବି. ସମ୍ପର୍କୀୟ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ।

## ପ୍ରେସକ୍ଲବ ପକ୍ଷରୁ ସୁବାସ ମହାପାତ୍ରଙ୍କୁ ଶ୍ରଦ୍ଧାଂଜଳି

ଫୁଲନଖରା (ପିଏନ୍)-କଟକ ସଦର ପ୍ରେସକ୍ଲବ ଆନୁକୂଲ୍ୟରେ ସାମ୍ବାଦିକ ସୁବାସ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଂଜଳି ସଭା ପଞ୍ଚବଟୀସ୍ଥିତ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସଭାପତି ସୁରେନ୍ଦ୍ର ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲାବେଳେ ଉପଦେଷ୍ଟା ଶ୍ରୀ ସନ୍ନ୍ୟାସୀଜୀ, ସରକାରୀ ଆଇନଜୀବୀ କବିନାରାୟଣ ଜେନା ଓ ପଣ୍ଡିତ ଅଜୟ କୁମାର ପତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଲଳିତକୁମାର ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ରମେଶଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଅଜୟକୁମାର ଦାଶ, ବରିଷ୍ଠ ସଦସ୍ୟ ସନାତନ ପରିଜା, ରାଜକିଶୋର ବେହେରା, ଧିରେନ୍ଦ୍ର ସାହୁ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ସମ୍ପାଦକ ପ୍ରତାପକେଶରୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୭ ଗ୍ରାମ୍ ବ୍ରାଉନ ସୁଗାର ଜବତ, ୪ ଗିରଫ



ଧର୍ମଶାଳା (ପିଏନ୍): ଧର୍ମଶାଳା ପୁଲିସ ଓ ଜିଲ୍ଲା ପୁଲିସ ସ୍କ୍ୱାର୍ଡ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ୧୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି । ଏଥିନେଇ ଗତକାଲି ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି । ଧର୍ମଶାଳା ଥାନା ଜାରକା ନିକଟସ୍ଥ ଦେଉଳିପାହାଡଠାରେ ବ୍ରାଉନ ସୁଗାର କାରବାର ହେଉଥିବା ଖବର ପାଇ ଜିଲ୍ଲା ପୁଲିସ ଓ ଧର୍ମଶାଳା ପୁଲିସ ସେଠାରେ ଚଢାଉ କରି ୧୭ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହ ସେମାନେ ବ୍ୟବହାର କରୁଥିବା ଏକ ବାଇକ, କିଛି ନଗଦ ଟଙ୍କା ଓ ୫ଟି ମୋବାଇଲ ଫୋନ ଜବତ କରିଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଧର୍ମଶାଳା ଥାନା ଚୋରମୁହାଁ ବଜାର ଅଂଚଳର ଗୋଲଖ ବିହାରୀ ଦତଙ୍କ ପୁଅ ଅରୁପାଳ ଦତ (୩୫), ଭଦ୍ରକ ଗ୍ରାମାଂଚଳ ଥାନା ବଉଳା ପୋଖରୀ ଅଂଚଳର ବାପି ମଲିକ (୨୦), ଧୁସୁରୀ ଥାନା ନରସିଂହପୁର ଅଂଚଳର ଫକିର ଜେନା (୨୮) ଓ ଭଦ୍ରକ ଗ୍ରାମାଂଚଳ ଥାନା ବରପଦା ଗ୍ରାମର ଲମ୍ବୁ ମୁଣ୍ଡା (୩୮) । ଏମାନେ ଜାରକା ନିକଟସ୍ଥ ଦେଉଳି ପାହାଡ ନିକଟରେ ବ୍ରାଉନ ସୁଗାର କାରବାର କରୁଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା । ଏନେଇ ଧର୍ମଶାଳା ପୁଲିସ ୫୭୩/୨୨ରେ ଏକ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

## ଅବଦୁଲ କାଲାମ ଦ୍ୱୀପରୁ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର (ପିଏନ୍)-ଅବଦୁଲ କାଲାମ ଦ୍ୱୀପରୁ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି । ଧାମରା ନିକଟସ୍ଥ ଅବଦୁଲ କାଲାମ ଦ୍ୱୀପରୁ ଗତକାଲି ପୂର୍ବାହ୍ନ ୯ଟା ୩୦ ମିନିଟିରେ ଏହାର ପରୀକ୍ଷଣ କରାଯାଇଛି । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦୀ କ୍ଷମତା ୧ ହଜାରରୁ ୨ ହଜାର କିଲୋମିଟର। ଏହି ପରୀକ୍ଷଣ ସମୟରେ ଡିଆରଡ଼ିଓର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ୨୦୨୧ ମସିହା ଡିସେମ୍ବର ୧୮ ତାରିଖରେ ଏହା ପ୍ରଥମେ ଏପିଜେ ଅବଦୁଲ କାଲାମ ଦ୍ୱୀପରୁ ସଫଳତାର ସହ ପରୀକ୍ଷଣ କରାଯାଇଥିଲା।

## ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀକୁଳ ଆତଙ୍କିତ



ଧର୍ମଶାଳା (ପିଏନ୍): ପାଣିପାଗ ବିଭାଗ ସୂଚନା ପରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଧର୍ମଶାଳା ବ୍ଲକ ଅଂଚଳର ଚାଷୀକୁଳ ଆତଙ୍କିତ ହୋଇପଡିଛନ୍ତି। ଚଳିତ ବର୍ଷ ଖରିଫ ଋତୁରେ ଧର୍ମଶାଳା ବ୍ଲକରେ ୧୨ ହଜାର ୮୦୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି । ବର୍ତ୍ତମାନ ସମୟରେ ଧାନ ଫସଲ ଥୋର ଧରିବା ସହ ଫୁଲ ଉଡାଉଛି। ଏପରିସ୍ଥଳେ ବର୍ଷା ଓ ପବନ ହେଲେ ଚାଷ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବ ବୋଲି ଚାଷୀକୁଳ ଆଶଙ୍କା କରିଛି । ପ୍ରଥମେ ଚାଷୀ ସରକାରୀ ବିହନ ଆଣି ଚାଷ କରିଥିଲେ। କିନ୍ତୁ ଗଛ ନହେବାରୁ ପରେ ବାହାରୁ ବିହନ ଆଣି ଧାନ ଚାଷ କରିଥିଲେ। ଚଳିତ ବର୍ଷ ଫସଲ ଭଲ ଅମଳ ହେବା ନେଇ ଚାଷୀ ଆଶା କରିଥିବା ବେଳେ ପାଣିପାଗ ବିଭାଗର ସୂଚନା ପରେ ସେମାନେ ଆତଙ୍କିତ ହୋଇପଡିଛନ୍ତି। ତେବେ ବାତ୍ୟା ଦିଗ ପରିବର୍ତ୍ତନ କରି ବାଙ୍ଗାଲାଦେଶ ମୁହାଁ ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି । ତେବେ ଏହି ବାତ୍ୟା ସୀତ୍ରାଙ୍ଗ ଓଡିଶା ତଟବର୍ତ୍ତି ଦେଇ ଅତିକ୍ରମ କରୁଥିବାରୁ ହାଲୁକା ପବନ ସାଙ୍ଗକୁ ୩ ଦିନ ବ୍ୟାପି ପ୍ରବଳ ବର୍ଷା ହେବାର ସମ୍ଭାବନ ଥିବାରୁ ଥୋର ଧରିଥିବା ଧାନ ଚାଷ କ୍ଷତି ହେବାର ଆଶଙ୍କା ରହିଛି । ଏପରିକି ଫୁଲ ଧରୁଥିବା ଧାନ ଅଗାଡି ହୋଇଯିବା ନେଇ ଧର୍ମଶାଳା ବ୍ଲକ ଅଂଚଳର ଲୋକନାଥ ପଲେଇ, ନେତ୍ରାନନ୍ଦ ଦାସ, ବିଦ୍ୟାଧର ପରିଡା, କେଶବ ପାଳ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସଦେଇପାଲିରୁ ପୁଇଁନ୍ତଲା ବ୍ଲକ ସୀମା ରାସ୍ତା ଶୁଭ ଦେଲେ ନରସିଂହ

ବଲାଙ୍ଗୀର, (ପି.ଏନ): ଏହି ୫ ବର୍ଷ ଭିତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ ହେଉ କି ଗମନାଗମନ ଯେଉଁଠାରେ ଯେଉଁ ପ୍ରତିଶୃତି ଦିଆଯାଇଛି ସେ ସବୁ ପୁରଣ କରିବା ପ୍ରକ୍ରିୟା ଜାରି ରହିଛି । ଲୋକେ ଦୃଢ ନିଶ୍ଚିତ ଥାଆନ୍ତୁ ବିକାଶ ଏକ ପ୍ରକ୍ରିୟା ଏହା କେବେ ବି ଅଟକିବ ନାହିଁ, ମୁଁ ଶତଚେଷ୍ଟିତ ଏହା ନିଶ୍ଚିତ ଭାବରେ ନିରନ୍ତର ଭାବେ ଜାରି ରହିବ ବୋଲି ଆଜି ବଲାଙ୍ଗିର ସଦର ବ୍ଲକ ସ୍ଥିତ ସଦାଇପାଲି ପଂଚାୟତ ର ସଦାଇପାଲି ଠାରେ ସଦାଇପାଲିରୁ ପୁଇଁନ୍ତଲା ବ୍ଲକ ସୀମା ପର୍ଯ୍ୟନ୍ତ ଏକ ରାସ୍ତା ଯାହାକି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯିବ ତାହାର ଶୁଭ ଭିତିପ୍ରସ୍ତର ଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେ କହିଛନ୍ତି ଗମନାଗମନ ଯେତେବେଳେ ସହଜ ହୋଇଯାଏ ସେତେବେଳେ ଅଂଚଳର ବ୍ୟବସାୟିକ ଦିଗ ଗୁରୁତ୍ୱ ପାଇଥାଏ । ଏହା ହେଲେ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ଅନେକ ଉନ୍ନତି ଆସିଥାଏ । ତେଣୁ ଏହି ରାସ୍ତା ନିଶ୍ଚିତ ଭାବରେ ଲୋକଙ୍କ ଜିବନଧାରାରେ ପରିବର୍ତନ ଆଣିବ । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେବାକୁ ଥିବା ଏହି ରାସ୍ତା ଯାହାର ଲମ୍ବ ୨.୭ କି.ମି. ଏବଂ ବ୍ୟୟ ଅଟକଳ ୧କୋଟି ୯୭ ଲକ୍ଷ ଟଙ୍କା ଏବଂ ତାହାର ସମ୍ପୁର୍ଣ୍ଣ କରିବାର ସମୟ ସୀମା ୬ ମାସ ରଖାଯାଇଛି । ଉପସ୍ଥିତ ଥିବା ସହକାରୀ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ର ତଥା କାର୍ଯ୍ୟକାରୀ ସଂସ୍ଥା ଯେପରି ଏହି ରାସ୍ତା ଠିକ୍ ଧାର୍ଯ୍ୟ ସମୟ ଭିତରେ ସମ୍ପୁର୍ଣ୍ଣ ହୋଇପାରିବ ସେ ଦିଗରେ ଯତ୍ନବାନ ହେବାକୁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । କେବଳ ଧାର୍ଯ୍ୟ ସମୟ ନୁହେଁ ଏହାର ଗୁଣବତାରେ ମଧ୍ୟ କୌଣସି ପ୍ରକାର ସାଲିସ କରାଯିବା କଥା ନୁହେଁ । ଏଥିପାଇଁ ଗ୍ରାମବାସୀମାନେ ସହଯୋଗ କରିବା ସହ ନଜର ରଖିବା ଉଚିତ ବୋଲି ସେ କହିଥିଲେ । ପରବର୍ତି ସମୟରେ ସଦାଇପାଲି ଗାଁ ରେ ହେଉଥିବା ପ୍ରସିଦ୍ଧ ପ୍ରସିଦ୍ଧ ମାଁ ଗଜଲକ୍ଷ୍ମୀଙ୍କ ପୂଜା ସ୍ଥଳିକୁ ଯାଇ ଦେବୀଙ୍କ ଆଶିର୍ବାଦ କାମନା କରିବା ସହ ଅଂଚଳବାସୀଙ୍କ ପାଇଁ ଶୁଭମନାସିଥିଲେ ଶ୍ରୀ ମିଶ୍ର । ଏଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବର୍ତମାନ ବ୍ଲକ ସ୍ତରରେ ଚାଲିଥିବା ଦୁର୍ନିତି ଚରମସୀମାରେ ପହଂଚିଲାଣି ବୋଲି ସେ ଲୋକଙ୍କୁ କହିଥିଲେ । ସ୍ୱଚ୍ଛ ଶାସନ କହୁଥିବା ନବୀନ ସରକାର କାହିଁକି ଏ ସବୁରେ ଅଙ୍କୁଶ ଲଗାଇ ପାରୁନାହାନ୍ତି ଲୋକେ ତାର ଜବାବ ମାଗନ୍ତୁ ବୋଲି କହିବା ସହ କେବଳ ଯେ ଦୁର୍ନିତି ପାଇଁ ନୁହେଁ ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ମଧ୍ୟ ନବୀନ ସରକାର ନିଜ ଦଳିୟ ନେତୃତ୍ୱମାନଙ୍କୁ ଘଂଟ ଘୋଡାଉଛନ୍ତି ବୋଲି ସେ କ୍ଷୋଭର ସହ କହୁଥିଲେ । ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଲୋକ ସତର୍କ ହୋଇ ଯାଆନ୍ତୁ କାରଣ ଏ ଅଂଚଳକୁ ଅନେକ ରାଜନୈତିକ ପର୍ଯ୍ୟଟକ ଲୋକଙ୍କୁ ଭୁଆଁ ବୁଲାଇବାକୁ ଆସି ପାରନ୍ତି, ସେହି ବିକାଶ ବିରୋଧିମାନଙ୍କୁ ଲୋକେ ତାର ଉଚିତ ଜବାବ ନିଶ୍ଚିତ ଭାବରେ ଦେବେ ବୋଲି ବିଧାୟକ ଶ୍ରୀ ମିଶ୍ର ନିଜ ଭାଷଣରେ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମମାନଙ୍କରେ ଫକିର ମୋହନ ଥାଟି, ବିରଞ୍ଚି ନାଏକ, ରମେଶ ନାଏକ, ଡ. ପ୍ରଶାନ୍ତ ପ୍ରଧାନ, ବାସୁଦେବ ମୁଗ୍ରୀ, ବାମଦେବ ମିଶ୍ର, ତ୍ରିଲୋଚନ ମହାପାତ୍ର, ସରୋଜ ରଥ, ବ୍ଲକ ସଭାପତି ରାମପ୍ରସାଦ ମିଶ୍ର, ଜିଲ୍ଲା କଂଗ୍ରେସ ଉପ-ସଭାପତି ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ଜୟନାରାୟଣ ବହିଦାରଙ୍କ ସମେତ ଶହସ୍ରାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଲାଂଚ ଅଭିଯୁକ୍ତକୁ ଚାରି ବର୍ଷ ସଶ୍ରମ ଜେଲ ଓ ଜରିମାନ

କନ୍ଧମାଳ,୩୧ ଅକ୍ଟୋବର (ହି.ସ.)- ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସାମାରାବିଳାସ ବେହେରା ଏକ ଲାଂଚ ନେବା ମାମଲାର ବିଚାରଣ କରି ମାମଲାର ଅଭିଯୁକ୍ତ ବୌଦ୍ଧ ଜିଲ୍ଲା ମାର୍କଫେଡ୍ ର ପୁର୍ବତନ ଏରିଆ ମେନେଜର ଦାୟୀତ୍ୱରେ ଥିବା ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁର ଗ୍ରାମର ଭୁବନମୋହନ ଦାସଙ୍କୁ (୨୦୦୮ରୁ ନିଲମ୍ବିତ) ହଳଦି ଏବଂ ଅନ୍ୟାନ୍ୟ ବିହନର ମଞ୍ଜି କ୍ରୟ କରିବା ପାଇଁ ଥିବା ୯ ଲକ୍ଷ ୬୬ ହଜାର ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଏହା ସହିତ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ତାଙ୍କୁ ଆଉ ଛଅ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି ।ସୁଚନା ଅନୁସାରେ ଭୁବନମୋହନ ଦାସ ବୌଦ୍ଧ ଜିଲ୍ଲା ମାର୍କଫେଡ୍ ରେ ଏରିଆ ମେନେଜର ଦାୟୀତ୍ୱରେ ଥିବା ସମୟରେ ଉପୋରୋକ୍ତ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଅଭିଯୋଗ ହେବା ପରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇ ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ । ଆଜି ସେହି ମାମଲାର ବିଚାରଣ କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ । ୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Friday November 03, 2023 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୦୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

କୁକୁଡାଖଣ୍ଡି (ଇର୍ପି ଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): କୁକୁଡାଖଣ୍ଡି ମିନି ଷ୍ଟାଡିୟମ ପରିସରରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧକ୍ଷ ଭି କାର୍ତ୍ତିକେନ ପାଣ୍ଡିଆନ ଭିସି ମାଧମ ରେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଗ୍ରାମଗୁଡିକ ର ଉନ୍ନତି ସହ ବିକାଶ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ହୋଇଛି । ବ୍ଲକ ର ୧୭ଟି ପଂଚ୍ାୟତ ର ୧୮୭ଟି ପ୍ରୋଜେକ୍ଟ ପାଇଁ ୮କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ମଂଜୁର ହୋଇଛି । ମହୁରୀ କାଲୁଆ ମନ୍ଦିର ର ଉନ୍ନତିକରଣ ପାଇଁ ୧.୭୦କୋଟି ଟଙ୍କା ମଂଜୁର ହୋଇଛି । ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ଓ ଗୋପାଳପୁର ନିର୍ବାଚ଼ନ ମଣ୍ଡଳୀ ର ଗୁରୁଣ୍ଡି ସରପଞ୍ଚ ମାଗତା ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଭିସି ମାଧମରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ କୁକୁଡାଖଣ୍ଡି ତହସିଲଦାର ସପନ କୁମାର ସାହୁଙ୍କ ସହ ବ୍ଲକ କର୍ମଚ଼ାରୀ ମାନେ ପରିଚ଼ାଳନା କରିଥିବା ବେଳେ ହେମନ୍ତ ସେଠି ମଞ୍ଚ ପରିଚ଼ାଳନା କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ କୁକୁଡ଼ାଖଣ୍ଡି ବ୍ଲକ ଉପାଧକ୍ଷ ଶ୍ରୀମତୀ ବିଷ୍ଣୁପ୍ରିୟା ପାତ୍ର, ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଜଗଦଲପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବି, ବି ରବୀନ୍ଦ୍ର ପାତ୍ର ବହୁ ଏସଏଚ୍ଜି ମହିଳା ମାନେ ଉପସ୍ଥିତ ଥିଲେ ।





## ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ବଡକାଏମା ନାଉପାଳ ସ୍ଥିତ ଅନନ୍ତ ଗୋପାଳ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ତ୍ରୈଲୋଚନ ଦାସଙ୍କ ସଭାପତିତ୍ୱରେ ଏହ ସଭାରେ ବିଇଓ ନିକୁ କୁମାର ମହାନ୍ତି, ସିଆରସିସି ନଳିନୀକାନ୍ତ ମହାଣା, ସରପଞ୍ଚ କୁମୁଦିନୀ ମହାନ୍ତି, ଶିକ୍ଷକ ନେତା ଯୁଗଳ କିଶୋର ଦାସ ଓ ଆର୍ତତ୍ରାଣ ସେଠୀ, ରମେଶ ଚନ୍ଦ୍ର ବାରିକ ଓ ପରିଚାଳନା କମିଟି ଚେୟାର ପର୍ସନ ବିଜୟ କୁମାର ମୁଦିଲି , ମୋ ସ୍କୁଲ ଅଭିଯାନ ସଭାପତି ସୁଧାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀମତୀ ସାହୁଙ୍କୁ ଅତିଥି ମାନେ ମାନପତ୍ର ପ୍ରଦନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପରିଚାଳନା କମିଟି ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଶେଷରେ ଅମରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଖପ୍ରାଖୋଲ ପୋଲିସ୍ ର ତନଖି ବେଳେ ଅଟୋ ସହ ପାଞ୍ଚ ଜଣ ଦାଦନ ଶ୍ରମିକ ଉଦ୍ଧାର , ମଧ୍ୟସ୍ଥି ଗିରଫ

ଖପ୍ରାଖୋଲ ,(ପିଏନ) ଖପ୍ରାଖୋଲ ଥାନା ପୋଲିସ୍ ରାତି ପେଟ୍ରୋଲିଙ୍ଗ ବେଳେ ବେଆଇନ ଭାବରେ ଚ଼ାଲାଣ ହେଉଥିବା ୫ଜଣ ଦାଦନ ଶ୍ରମିକ ସହ ୪ଶିଶୁ ଉଦ୍ଧାର କରିଥିବା ବେଳେ ମଧ୍ୟସ୍ଥି କୁ ଗିରଫ କରି ଗୁରୁବାର କୋର୍ଟ ଚ଼ାଲାଣ କରିଥିବା ଜଣାପଡିଛି । ଗିରଫ ମଧ୍ୟସ୍ଥି ବରଗଡ଼ ଜିଲ୍ଲା ପାଇକମାଳ ଥାନା ଖଲାବାହାଲ ଗାଁ ର ଯାଦବ ବରିହା (୩୮) ବୋଲି ପୋଲିସ୍ ସୂଚ଼ନା ଦେଇଛି । ସୂଚ଼ନା ଅନୁସାରେ ପୋଲିସ୍ ପେଟ୍ରୋଲିଙ୍ଗ କଲାବେଳେ ହରିଶଙ୍କର ଛକ ନିକଟରେ ଏକ ଅଟୋ କୁ ଅଟକାଇ ପଚ଼ରା ଉଚ଼ରା ବେଳେ ସେଥିରେ ବସିଥିବା ୩ ପୁରୁଷ, ୨ମହିଳା ସହ ୪ଜଣ ଶିଶୁ ମଧ୍ୟସ୍ଥି ମାଧ୍ୟମରେ ଦାଦନ ଖଟିବାକୁ ତେଲେଙ୍ଗାନା ର ଇଟା ଭାଟି କୁ ଯାଉଥିବା ଜାଣି ଉଦ୍ଧାର କରି ତାଙ୍କ ନିଜ ଗାଁ କୁ ପଠେଇ ଦେଇଥିବା ବେଳେ ସମସ୍ତେ ଲରମ୍ବା ଥାନା ଭଟଲି ଗାଁ ର ବୋଲି ଜଣାଯାଇଛି । ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୧୫/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଧ୍ୟସ୍ଥି କୁ କୋର୍ଟ ଚ଼ାଲାଣ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି ।



# ଦେଉଳି ଭବନ ଲିଜ ମାମଲା, ଅନଶନରେ ବସିବେ ଲିଜଧାରୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳି ଭବନ ଲିଜ ପ୍ରକ୍ରିୟାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି । ଏହି ମାମଲା ହାଇକୋର୍ଟରେ ବିଚାରଧୀନ ରହିଥିବା ବେଳେ ଏହାକୁ ଅଣଦେଖା କରି ବ୍ଲକ ପ୍ରଶାସନ ଗତ ସପ୍ତାହକ ତଳେ ଏକ ମହିଳା ସଂସ୍ଥାକୁ ବିନା ଟେଣ୍ଡରରେ ଲିଜ ଦେଇ ଚାବି ହସ୍ତାନ୍ତର କରିଥିଲା । ଏହା ପରେ ପୂର୍ବରୁ ଲିଜ ଅର୍ଥ ପୈଠ କରି ଚାବି ନପାଇ ହାଇକୋର୍ଟ ଯାଇଥିବା ରାଜେଶ୍ ପାଳ ନାମକ ଲିଜଧାରୀ ଜିଲ୍ଲାପାଳ ଓ ବିଡ଼ଓ ଙ୍କୁ ଭେଟି ଏହାର ପ୍ରତିବାଦ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରିଥିଲେ । ତେବେ ଆସନ୍ତା ସାତ ଦିନ ମଧରେ ଏହି ମହିଳା ସଂସ୍ଥାର ଲିଜ ବାତିଲ କରି ତାଙ୍କୁ ଚାବି ହସ୍ତାନ୍ତର କରାନଗଲେ ଅନିର୍ଦ୍ଦିଷ୍ଟ କାଳପାଇଁ ଅନଶନରେ ବସିବେ ବୋଲି ଶ୍ରୀ ପାଳ ଆଜି ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଯାହାକୁ ନେଇ ଏବେ ବିବାଦୀୟ ସ୍ଥିତିରେ ବ୍ଲକ ପ୍ରଶାସନ ପହଞ୍ଚିଛି । ଏହି ମହିଳା ସଂସ୍ଥା ଠାରୁ ଚାବି ଫେରାଇ ଆଣି ବ୍ଲକ ପ୍ରଶାସନ ନିଜ ପାଖରେ ରଖିଥିବା ଓ ହାଇକୋର୍ଟର ନିର୍ଦ୍ଦେଶ ନପାଇବା ପର୍ଯ୍ୟନ୍ତ କାହାରିକୁ ଚାବି ହସ୍ତାନ୍ତର ପ୍ରଶାସନ କରିବ ନାହିଁ ବୋଲି ଜଣାଯାଇଛି ।

## ଢେଉ ମାଡରେ ଗଭୀର ସମୁଦ୍ରରେ ଭାସି ଯାଉଥିବା ୮ପର୍ଯ୍ୟଟକ ଲାଇଫଗାର୍ଡଙ୍କ ଦ୍ୱାରା ଉଦ୍ଧାର

ପୁରୀ,(ପି.ଏନ):ଗୁରୁବାର ଅପରାହ୍ନରେ ସମୁଦ୍ର ସ୍ନାନ କରୁଥିବା ୮ଜଣ ପର୍ଯ୍ୟଟକ ଗଭୀର ସମୁଦ୍ରରେ ଭାସି ଯାଉଥିବା ବେଳେ,କାର୍ଯ୍ୟରତ ଲାଇଫଗାର୍ଡମାନେ ସେମାନଙ୍କୁ ଉଦ୍ଧାର କରି କୂଳକୁ ଆଣିଛନ୍ତି । ଭାସିଯାଉଥିବା ପର୍ଯ୍ୟଟକମାନେ ହେଲେ ପଶ୍ଚିମବଙ୍ଗର ରିଜୁ ରାୟ(୧୬),ଶୁଭମ ମଣ୍ଡଳ(୧୯), ଶୁଭଜିତ ହାଜ୍ରା(୨୧), ସୁମନ ମଣ୍ଡଳ(୧୬),ଦୀପ ମଣ୍ଡଳ(୧୫), ରଞ୍ଜିତ ହାଲଦାର(୧୯),ସୁଭିତ ହାଂସଦା ଏବଂ ଦୀପଙ୍କର ବିଶ୍ୱାସ(୨୮) ବୋଲି ସୂଚନା ମିଳିଛି । ସୂଚନା ମୁତାବକ,ଗୁରୁବାର ମଧ୍ୟାହ୍ନରେ ସେକ୍ଟର ୬ର ହୋଟେଲ ମହୋଦଧି,ସେକ୍ଟର ୧୨ର ହୋଟେଲ ବଙ୍ଗଲକ୍ଷ୍ମୀ ଏବଂ ସେକ୍ଟର ୧୩ର ହୋଟେଲ କ୍ୟାମେଲିଆ ସାମ୍ନା ବେଳାଭୂମିରେ ପଶ୍ଚିମବଙ୍ଗରୁ ଆସିଥିବା କିଛି ପର୍ଯ୍ୟଟକ ସମୁଦ୍ର ସ୍ନାନର ମଜା ଉଠାଉଥିଲେ । ଉକ୍ତ ସମୟରେ ପ୍ରବଳ ଢେଉ ମାଡରେ ଉପରୋକ୍ତ ପର୍ଯ୍ୟଟକମାନେ ଗଭୀର ସମୁଦ୍ରକୁ ଭାସି ଯାଉଥିବାର ଦେଖିବାକୁ ମିଳିଥିଲା । ସେଠାରେ କାର୍ଯ୍ୟରତ ଲାଇଫଗାର୍ଡ ଏ ଶ୍ୟାମସୁନ୍ଦର,ଏ ମାଧବ ରାଓ,ବି ଇଶ୍ୱର ରାଓ,ଏମ ରମନ୍ନା,ପିକ୍କି ଶିବା ଏବଂ ଲେଙ୍କା ଦାମୋଦର ବେହେରା ମିଳିତଭାବେ ଗଭୀର ସମୁଦ୍ରରେ ପଶି ଭାସି ଯାଉଥିବା ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ । ଉଦ୍ଧାର ସମସ୍ତ ପର୍ଯ୍ୟଟକ ପଶ୍ଚିମବଙ୍ଗର ହୋଇଥିବା ବେଳେ,ସମସ୍ତ ପର୍ଯ୍ୟଟକ ସୁସ୍ଥ ରହିଛନ୍ତି ବୋଲି ସୂଚନା ମିଳିଛି ।

# ପିଆଇସିଟି ର ମନମାନି ଯୋଗୁଁ ପାରାଦୀପରେ ଶ୍ରମିକ ଅଶାନ୍ତି : ଆନ୍ଦୋଳନ ପାଇଁ ସଜବାଜ

ପାରାଦୀପ,(ପି.ଏନ):ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ୫ ନମ୍ବର ଫାଟକ ନିକଟରେ ବନ୍ଦର ପୋତାଶ୍ରୟ କୁ ଲିଜ ନେଇଥିବା ଜେଏମବକ୍ସି କମ୍ପାନୀର ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ର ପରିଚ଼ାଳନାଗତ ତ୍ରୁଟି ଏବଂ ମନମାନି କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅଶାନ୍ତି ବୃଦ୍ଧି ପାଇବାରେ ଲାଗିଛି । କମ୍ପାନୀ କାର୍ଯ୍ୟ ଆରମ୍ଭ କରିବା ଦିନଠାରୁ ସୁରକ୍ଷା ଅବ୍ୟବସ୍ଥା ଯୋଗୁଁ ଅନେକ ଦୁର୍ଘଟଣାରେ ବହୁ ଶ୍ରମିକ ଗୁରୁତର ଆହତ ହୋଇ କିଛି ଅକ୍ଷମ ହୋଇଥିବା ନେଇ ଶ୍ରମିକ ମାନେ ଅଭିଯୋଗ କରିଛନ୍ତି । ସେହିପରି ସରକାରଙ୍କ ନିୟମ ଅନୁଯାୟୀ ଶ୍ରମିକଙ୍କ ମାସର ନିର୍ଦ୍ଦିଷ୍ଟ ଦିନ କାର୍ଯ୍ୟ ବ୍ୟବସ୍ଥା ନକରି ଅଳ୍ପ କେଇଦିନ ଡ୍ୟୁଟି ଦେଇ ଶ୍ରମିକ ଶୋଷଣ ହେଉଥିବା ନେଇ ଅଭିଯୋଗ ହୋଇଛି । ଏବାବଦରେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ପକ୍ଷରୁ ପ୍ରତିବାଦ ସହ ସମ୍ପୃକ୍ତ ବିଭାଗ ସହ ସମସ୍ୟା ସମାଧାନ ପାଇଁ ଆଲୋଚ଼ନା ପ୍ରକ୍ରିୟା ଜାରି ରହିଥିବା ବେଳେ ପିଆଇସିଟି ବେଆଇନ ଭାବେ ପୋତାଶ୍ରୟରେ ବାହାର ଲୋକଙ୍କ ଦ୍ୱାରା କାର୍ଯ୍ୟ କରାଇବାକୁ ନେଇ ଶ୍ରମିକ ମାନଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଛି । ଅନ୍ୟପକ୍ଷରେ ଜନୈକ ସ୍ୱାର୍ଥନେସୀ ମାଫିଆ ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ସମର୍ଥିତ ଜଣେ ଠିକାଦାର ଙ୍କୁ କାମ ଦେଇ ସ୍ଥାନୀୟ ଶ୍ରମିକଙ୍କ ଜୀବନଜୀବିକା ସହ ପିଆଇସିଟି କମ୍ପାନୀ ଖେଳ ଖେଳୁଛି ବୋଲି ଅଭିଯୋଗ କରିଛନ୍ତି ମଜଦୁର ସଙ୍ଘ ସଭାପତି ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ । ତେବେ ମଙ୍ଗଳବାର ରାତି ସୁଦ୍ଧା ସମସ୍ୟାର ସମାଧାନ ନହେଲେ ସମସ୍ତ ଶ୍ରମିକ ନିଜ ଜୀବନଜୀବିକା ସୁରକ୍ଷିତ ପାଇଁ ସପରିବାରେ ପିଲାଛୁଆଙ୍କୁ ଧରି କମ୍ପାନୀ ଫାଟକ ଆଗରେ ଧାରଣା ନହେଲେ ଆତ୍ମହୁତି ଦେବେ ବୋଲି ଶ୍ରମିକ ମାନେ ଚେତାବନୀ ଦେଇଛନ୍ତି ।

# ଏସିଆନ ଆଥଲେଟିକ୍ସ ପ୍ରତିଯୋଗୀ ଧ୍ରୁନ ଚ଼ନ୍ଦ୍ର ତରାଇଙ୍କୁ ପୂର୍ବତନ ବନ୍ଦର ଟ୍ରଷ୍ଟିଙ୍କ ସହାୟତା

ପାରାଦୀପ,(ପି.ଏନ): ଚ଼ଳିତ ନଭେମ୍ବର ମାସ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଫିଲିପାଇନ୍ସ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏସିଆନ ମାଷ୍ଟର ଆଥଲେଟିକ୍ସ ଚ଼ାମ୍ପିୟନସିପ ରେ ପାରାଦୀପ ବନ୍ଦର କର୍ମଚ଼ାରୀ ଧ୍ରୁନ ଚ଼ନ୍ଦ୍ର ତରାଇ (୫୮) ଭାରତ ର ପ୍ରତିନିଧିତ୍ୱ ପାଇଁ ମନୋନୀତ ହୋଇ ପାରାଦୀପ ପାଇଁ ଗୌରବ ଆଣିପାରିଛନ୍ତି । ତେବେ କୌଣସି ସରକାରୀ କିମ୍ବା ବେସରକାରୀ ସାହାଯ୍ୟ ସହଯୋଗ ବିନା ଶ୍ରୀ ତରାଇ ନିଜସ୍ୱ ଖର୍ଚ୍ଚ ରେ ଏହି ଏସିୟ ସିନିଅର ଖେଳକୁଦରେ ଅଂଶଗ୍ରହଣ କରୁଥିବା ଜଣାପଡିଛି । ତେବେ ଏବାବଦରେ ପାରାଦୀପ ବନ୍ଦର ର ପୂର୍ବତନ ଟ୍ରଷ୍ଟି ତଥା ପାରାଦୀପ ବନ୍ଦର ଏସସିଏସଟି କର୍ମଚ଼ାରୀ କଲ୍ୟାଣ ସଙ୍ଘ ସଭାପତି ଏବଂ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ସାଧାରଣ ସମ୍ପାଦକ ପରେଶ ମୁର୍ମୁ ତାଙ୍କ ସଦସ୍ୟ ଶ୍ରୀ ତରାଇଙ୍କ ଗସ୍ତ ନିମନ୍ତେ କିଛି ଆର୍ଥିକ ସହାୟତା କରି ଏହି କ୍ରୀଡାରେ ତାଙ୍କର ସଫଳତା କାମନା କରିଛନ୍ତି କ୍ଷ ତେବେ ଏହି ସହଯୋଗ ତାଙ୍କର ଗସ୍ତ, ରହଣି ଓ ପ୍ରଶିକ୍ଷଣ ଖର୍ଚ୍ଚର ବୋଝକୁ କିଛି ମାତ୍ରାରେ ଲାଘବ କରିବ ବୋଲି ଶ୍ରୀ ତରାଇ କହିଛନ୍ତି । ସୂଚ଼ନାଥାଉକି, ସରକାର କ୍ରୀଡ଼ାବିତ ମାନଙ୍କୁ ପ୍ରୋତ୍ସାହନ ପାଇଁ ବିଭିନ୍ନ ଯୋଜନା ରହିଥିବା ବେଳେ, ପାରାଦୀପରେ ବନ୍ଦର ସମେତ ଅନେକ ଶିଳ୍ପ ପ୍ରତିଷ୍ଠାନ ରହିଥିବା ସତ୍ୱେ ପାରାଦୀପ ପାଇଁ ଗୌରବ ଆଣିଥିବା ଧ୍ରୁନ ତରାଇଙ୍କୁ ସହଯୋଗ ନକରିବାକୁ ନେଇ କ୍ରୀଡ଼ାବିତ ଏବଂ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।




# ଶେରଗଡ଼ ବ୍ଲକ ରେ "ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା" ର ଶୁଭାରମ୍ଭ



ଶେରଗଡ଼,(ପି.ଏନ ): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚ଼ନ ମଣ୍ଡଳୀ ର ଶେରଗଡ଼ ବ୍ଲକ ରେ" ଆମ ଓଡ଼ିଶା ନବୀନ ଓଡ଼ିଶା" ଯୋଜନା ର ଶୁଭାରମ୍ଭ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଗ୍ରାମାଭିମୁଖି ଯୋଜନା ଆମ "ଓଡ଼ିଶା ନବୀନ ଓଡ଼ିଶା" ମାଧ୍ୟମରେ ଏକ ସଶକ୍ତ ଓଡ଼ିଶା ଗଠନ ର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଚ଼ି ଅଭିଯାନ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ପ୍ରତି ପଞ୍ଚାୟତ, ପ୍ରତି ଗାଆଁ ରେ ଓଡ଼ିଶାର ସଂସ୍କୃତିର ମୂଳ ଭିତ୍ତିଭୂମି କୁ ସୁଦୃଢ଼ କରାଯିବା ସହିତ ପ୍ରତି ଗାଆଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳିର ବିକାଶ କରାଯିବ । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମି ର ଉନ୍ନତି ପ୍ରତି ଗାଆଁ ର ବିକାଶ ର ଶିଖର ରେ ପହଞ୍ଚାଇବା ଆମର ସୁଦୃଢ଼ ସାଂସ୍କୃତିକ ଭିତ୍ତିଭୂମିକୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡ଼ିଶା କୁ ଆହୁରି ପ୍ରସାରିତ କରି ନୂଆ ଶିଖରରେ ପହଞ୍ଚିବ । ନବୀନ ଓଡ଼ିଶା ର ପରିଚ଼ୟ ନେଇ ରାଜ୍ୟର ପ୍ରତି ଗାଆଁ ବିକାଶ ରେ ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଫାଇଭ ଟି ତଥା ନବୀନ ଓଡ଼ିଶାର ଅଧକ୍ଷ ଭି କେ ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଶେରଗଡ଼ ବ୍ଲକରେ "ଆମ ଓଡ଼ିଶା ନବୀନ ଓଡ଼ିଶା" ଯୋଜନା ର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଶେରଗଡ଼ ବ୍ଲକ ଅଧକ୍ଷ କୃଷ୍ଣଚ଼ନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ପ୍ରଧାନ, ଶେରଗଡ଼ ବିଜେଡି ସଭାପତି ଶ୍ରୀ ଶରତ ଚ଼ନ୍ଦ୍ର ପାତ୍ର, ଯୁବ ବିଜେଡ଼ି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହିନ ବେହେରା, ସମୀର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଚ଼ିତ୍ତ ରଞ୍ଜନ ପାଣିଗ୍ରାହୀ, ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସହ ଲୋକ ପ୍ରତିନିଧି ଯୋଗଦାନ କରିଥିଲେ । ପରିଶେଷରେ ବ୍ଲକ ଅଧକ୍ଷ ଧନ୍ୟବାଦ ଜ୍ଞାପନ କରିଥିଲେ ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray